# ଅବ୍ୟବସ୍ଥାରେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ବଡ଼ଚଣା, ୨୩।୧ (ଦିଲୀପ କୁମାର ମହାନ୍ତି):**

■ ୧୪ ଡାକ୍ତରଙ୍କ ସ୍ଥାନରେ ଅଛନ୍ତି ୪
■ ରୋଗୀସେବା ବାଧାପ୍ରାପ୍ତ
■ ପ୍ରଶାସନ ଦୃଷ୍ଟିଦେବାକୁ ଦାବି

ବଡ଼ଚଣା ବ୍ଲକ୍‌ର ଏକମାତ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦୀର୍ଘଦିନ ହେଲା ଅବ୍ୟବସ୍ଥାରେ ଚାଲିଛି। ଏଠାରେ ୪ ବିଶେଷଜ୍ଞ ଡାକ୍ତରଙ୍କୁ ମିଶାଇ ମୋଟ୍ ୧୪ ଡାକ୍ତର ରହିବା କଥା। ହେଲେ ଏବେ ୪ ଜଣ ଡାକ୍ତର ରହିଛନ୍ତି। ସେମାନେ ବଦଳି ହୋଇ କାର୍ଯ୍ୟ କରୁଛନ୍ତି। ସ୍ଥାୟୀ ଡାକ୍ତର କେହି ରହୁନାହାନ୍ତି। ନିର୍ଦ୍ଦିଷ୍ଟ ବିଭାଗର ମଧ୍ୟ କେହି ଡାକ୍ତର ନାହାନ୍ତି। ଅଧିକାଂଶ ସମୟ ଏଠାରେ ଡାକ୍ତର ପାଳିକରି ଆସୁଥିବା ଅଭିଯୋଗ ହେଉଛି।

ସ୍ୱାସ୍ଥ୍ୟକେନ୍ଦ୍ର ୱାର୍ଡର ଶୌଚାଳୟ ଅପରିଷ୍କାର ହୋଇପଡ଼ିଛି। ପ୍ରସୂତି ବିଭାଗ ସମେତ ଅନ୍ୟ ୱାର୍ଡର କାନ୍ଥରୁ ପାଣି ଝରି ଶିଉଳି ଜମିଛି। କାନ୍ଥରେ ବିଦ୍ୟୁତ୍ ସଂଯୋଗ ତାର ଛିଡ଼ି ଓହଳି ରହିଛି। କେତେକ ପଙ୍ଖା ଅଚଳ ହୋଇଝୁଲୁଛି। ଅନେକ ସମୟରେ ଆଉଟଡୋରରେ ଜଣେ ଡାକ୍ତର ରହିବା ଦ୍ୱାରା ୧୦୦ରୁ ୨୦୦ ରୋଗୀ ଦୀର୍ଘ ସମୟ ଲାଇନରେ ରହୁଛନ୍ତି।

ନିରାମୟ ଯୋଜନାରେ ଔଷଧ ଯୋଗାଇବାର ବ୍ୟବସ୍ଥା କରିଥିଲେ ମଧ୍ୟ ନାମକୁ ମାତ୍ର ଔଷଧ ମିଳୁଛି। ଫଳରେ ଅନେକ ଇଞ୍ଜେକ୍ସନ, ଔଷଧ ଗରିବ, ଅସହାୟ ରୋଗୀ ବାହାରୁ କିଣିବାକୁ ବାଧ୍ୟ ହେଉଛନ୍ତି। ଏଠାରେ ରୋଗୀଙ୍କ ସଂଖ୍ୟା ଅଧିକ ରହୁଥିବାରୁ ୪ ଜଣ ନର୍ସ ସେବା ଯୋଗାଇ ପାରୁନାହାନ୍ତି। ଏହି ଗୋଷ୍ଠୀ




ସ୍ୱାସ୍ଥ୍ୟକେନ୍ଦ୍ର ୧୬ ନମ୍ବର ଜାତୀୟ ରାଜପଥ କଡରେ ରହିଥିବାରୁ ଏଠାକୁ ଦୈନିକ ଦୁର୍ଘଟଣା ଜନିତ ରୋଗୀ ବହୁ ମାତ୍ରାରେ ଆସିଥାନ୍ତି। ପଡ଼ୋଶୀ ଜିଲା ଢେଙ୍କାନାଳ ଓ କଟକର ମାହାଙ୍ଗା, ଗୋନ୍ଦିଆ ଅଞ୍ଚଳର ରୋଗୀ ମଧ୍ୟ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରିଥାନ୍ତି। ମାତ୍ର ଡାକ୍ତର ଅନେକ ସମୟରେ ରହୁ ନ ଥିବାରୁ ରୋଗୀଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ଅଭିଯୋଗ ହେଉଛି। ବହୁ ସମୟରେ ରୋଗୀସେବା ବାଧାପ୍ରାପ୍ତ ହେବା ନିତିଦିନିଆ ଘଟଣାରେ ପରିଣତ ହେଲାଣି। ବହିର୍ବିଭାଗ ୱାର୍ଡ ଆବଶ୍ୟକ ସ୍ଥଳେ ସଫା ନ ହେବାରୁ ଅବ୍ୟବସ୍ଥା ସୃଷ୍ଟି ହେଉଛି। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ବଡ଼ଚଣା ବ୍ଲକର ୪୩ ପଞ୍ଚାୟତର ପ୍ରାୟ ୩ ଲକ୍ଷ ଏବଂ ପଡ଼ୋଶୀ ଜିଲାର ଲୋକେ ନିର୍ଭର କରୁଛନ୍ତି। ମାତ୍ର ବିଭିନ୍ନ ବିଭାଗ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ଅବହେଳା ପାଇଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ଅନ୍ୟପକ୍ଷରେ ଏଠାରେ ମେଡିକାଲ ଅଫିସର ଥିବା ଅଶୋକ ମିଶ୍ର ଦେଢ଼ ମାସ ହେଲା ବଦଳି ହୋଇଛନ୍ତି। ସିଡିଏମ୍‌ଓଙ୍କ ନିର୍ଦ୍ଦେଶକ୍ରମେ ଡାକ୍ତର ରଶ୍ମିରଞ୍ଜନ ପଶାୟତଙ୍କୁ ଦାୟିତ୍ୱ ଦିଆଯାଇଛି। ହେଲେ ତାଙ୍କୁ ଦାୟିତ୍ୱ ହସ୍ତାନ୍ତରରେ ବିଳମ୍ବ ହେଉଛି। ଫଳରେ ବିଭିନ୍ନ କାର୍ଯ୍ୟ ଧାବାପ୍ରାପ୍ତ ହେଉଛି। ତେଣୁ ଏସବୁ ଦିଗରେ ବିଭାଗୀୟ ମନ୍ତ୍ରୀ, ସଚିବ, ସ୍ଥାନୀୟ ବିଧାୟକ ଓ ଯାଜପୁର ସିଡିଏମ୍‌ଓ ଦୃଷ୍ଟିଦେବାକୁ ଦାବି ହୋଇଛି।

# ସପ୍ତମ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ



ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ଯାଜପୁର, ୨୩।୧ (ହର୍ଷବର୍ଦ୍ଧନ ବେହେରା)**

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟରେ ସପ୍ତମ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବୋର୍ଡ ପରୀକ୍ଷାର୍ଥୀମାନଙ୍କୁ ଚାପମୁକ୍ତ କରିବା ପାଇଁ ଚିତ୍ରକଳା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏଥିରେ ପାଣିକୋଇଲି ଜବାହାର ନବୋଦୟ ବିଦ୍ୟାଳୟ, ଯାଜପୁର କେନ୍ଦ୍ରୀୟ ବିଦ୍ୟାଳୟ, ମୁଣ୍ଡୋମାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ମଧୁସୁଦନ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଯାଜପୁର ରୋଡ ଏନ୍.ସି. ହାଇସ୍କୁଲ, ଡିଇଭି ଇଣ୍ଟରନ୍ୟାଶନାଲ ସ୍କୁଲ, ଦାନଗଦି ଆଦର୍ଶ ବିଦ୍ୟାଳୟ, କୋରେଇ ଆଦର୍ଶ ବିଦ୍ୟାଳୟ, କ୍ରୋମନଗର ବିଦ୍ୟାପୀଠ, ଉମାପଦା ହାଇସ୍କୁଲ, ବ୍ୟାସନଗର ପବ୍ଲିକ ସ୍କୁଲ, ଏସ୍‌ବି ବାଳିକା ହାଇସ୍କୁଲ, ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟ, ବ୍ୟାସନଗର ହାଇସ୍କୁଲ ଓ ସେଣ୍ଟ ଜାଭିୟର ହାଇସ୍କୁଲର ୧୦୦ ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ଆର୍ଟ ଏଣ୍ଡ ପେଣ୍ଟିଂ ଅଧ୍ୟାପକ ନାରାୟଣ ବେହେରା, ଘସିପୁରା ଆଦର୍ଶ ବିଦ୍ୟାଳୟର ଆର୍ଟ ଶିକ୍ଷକ ମାନବେନ୍ଦ୍ର ନାୟକ, ସୁକିନ୍ଦା ଆଦର୍ଶ ବିଦ୍ୟାଳୟର ଆର୍ଟ ଶିକ୍ଷକ ଅପରାଜିତା ତୃପ୍ତିଦର୍ଶନୀ ଜେନା ବିଚାରକ ଦାୟିତ୍ୱ ତୁଲାଇଥିଲେ। ପ୍ରତିଯୋଗିତାରେ ନବୋଦୟ ବିଦ୍ୟାଳୟର ଓମ୍‌ପ୍ରକାଶ ପାଢୀ ପ୍ରଥମ, କ୍ଷୀରାବ୍ଧି ତନୟା ପାଢୀ ଦ୍ୱିତୀୟ ଓ ଆଲିନା ସୋରେନ ତୃତୀୟ, କୋରେଇ ଆଦର୍ଶ ବିଦ୍ୟାଳୟର ୟାସମିନ ଖାତୁନ ଚତୁର୍ଥ, ନବୋଦୟ ବିଦ୍ୟାଳୟର ସ୍ମୃତିପ୍ରତୀକ୍ଷା ମିଶ୍ର ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ୟାସନଗର କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ କମଳେଶ କୁମାର ଉଦ୍‌ଘାଟନ ଓ ବନ୍ଦନା ମ୍ୟାଡମ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଧୀନତା ସଂଗ୍ରାମୀଙ୍କ ପୁଣ୍ୟତିଥି

**ଧର୍ମଶାଳା, ୨୩।୧ (ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ପ୍ରେସ୍‌କ୍ଲବର ଦିବଂଗତ ଆଜୀବନ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରୀ ମହାନ୍ତିଙ୍କ ୧୫ ତମ ପୁଣ୍ୟତିଥି ପ୍ରେସ୍‌କ୍ଲବ ପରିସରରେ ମଙ୍ଗଳବାର ପାଳିତ ହୋଇଯାଇଛି। ପ୍ରେସ୍‌କ୍ଲବ୍ ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ଖବରଦାତା ମହେଶ୍ୱର ବଳ ଯୋଗଦେଇ ମହାନ୍ତି ଜଣେ ନିର୍ଭିକ ସଚୋଟ ଓ ନିଷ୍ଠାପର ଖବରଦାତାଭାବେ ପରିଚିତ ଥିଲେ। ଦାରିଦ୍ର୍ୟରେ ରହିଆସୁଥିଲେ। ମୁଖ୍ୟମନ୍ତ୍ରୀମାନଙ୍କ ସହିତ ତାଙ୍କର ଭଲ ସମ୍ପର୍କ ଥାଇ ମଧ୍ୟ ସେ ନିଜ ପାଇଁ କିଛି କରିପାରି ନ ଥିଲେ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି ଯୋଗଦେଇ ଅଛୁଆଁ ଲୋକଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବାକୁ ସେ ସଂଗ୍ରାମ ଜାରିରଖିଥିଲେ ବୋଲି କହିଥିଲେ। ପ୍ରାରମ୍ଭରେ ଅତିଥିମାନେ ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ରାଜକିଶୋର ପାଢ଼ୀ, ଡ. ରୁଦ୍ରନାରାୟଣ ପୃଷ୍ଟି, ଡ. ପ୍ରିୟନାଥ ମହାପାତ୍ର, ଅବସରପ୍ରାପ୍ତ ପ୍ରାଧ୍ୟାପକ ରମେଶ ଚନ୍ଦ୍ର ସିଂ, କାହ୍ନୁଚରଣ ଦାସ, କୃଷକନେତା ବସନ୍ତ ପରିଡ଼ା, ଯୁବସଙ୍ଗଠକ ସଂଗ୍ରମ ଜେନା, ଖବରଦାତା କୈଳାସ ରାଉତ, ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ମହାନ୍ତିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ପାଠ କରିଥିବାବେଳେ କୋଷାଧ୍ୟକ୍ଷ ଅଖିଳ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ସହସମ୍ପାଦକ ମାନସ ରଞ୍ଜନ ଜେନା ଧନ୍ୟବାଦ ଦେଇଥିଲେ।



ସ୍ୱାଧୀନତା ସଂଗ୍ରାମୀ ନରହରୀ ମହାନ୍ତିଙ୍କ ପୁଣ୍ୟତିଥିରେ ଯୋଗଦେଇଥିବା ଅତିଥି।

# ନେତାଜୀ, ସାଏଙ୍କ ଜୟନ୍ତୀରେ ରକ୍ତଦାନ

**ଚଣ୍ଡିଖୋଲ, ୨୩।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଚଣ୍ଡିଖୋଲ ଉଦ୍ଦିୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ କଟକ ରୋଟାରି କ୍ଲବ ପକ୍ଷରୁ ମଙ୍ଗଳବାର ସୁଙ୍ଗୁଡା ସରସ୍ୱତୀ ଶିଶୁ ମନ୍ଦିରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହାକୁ ବଡ଼ଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଉଦ୍‌ଘାଟନ କରିଥିଲେ। ବିଡିଓ ରବୀନ୍ଦ୍ର ପ୍ରଧାନ ଉଦ୍‌ଯାପନୀ ସଭାରେ ଯୋଗ ଦେଇଥିଲେ। ପରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୬୩ ୟୁନିଟ ରକ୍ତ ରକ୍ତ ସଂଗୃହୀତ ହୋଇଥିଲା। ଜୟନ୍ତୀ ଉତ୍ସବ ଅନୁଷ୍ଠାନ ସଭାପତି ଅବିନାଶ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥିଭାବେ ବି ବି ମହାବିଦ୍ୟାଳୟ ପ୍ରାକ୍ତନ ଅଧ୍ୟକ୍ଷ ଡ. କେଦାର ଚରଣ ଦାଶ, ସମ୍ମାନିତ ଅତିଥି ରାମଚନ୍ଦ୍ର ଶୁକ୍ଳ, ହେମନ୍ତ ମାହାଲା, ଦେବରାଜ ବେହେରା, ଅଧ୍ୟାପକ ଶଳିଳ ରାଜନନ୍ଦନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ସାମାଜିକ କର୍ମୀ ବିଶ୍ୱରଞ୍ଜନ ସାହୁ, ଅନନ୍ତ ପ୍ରସାଦ ମାହାଲା, ଆକାଶ ସାହୁ, ଅରୁଣି ନନ୍ଦ ଓ ସନ୍ଧ୍ୟାରାଣୀ ବ୍ରହ୍ମଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ରକ୍ତଦାତାଙ୍କୁ ମାନପତ୍ର, ମେଡାଲ ଏବଂ ଗଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଗୋମାଂସ ନେଉଥିବାବେଳେ ଧରାପଡ଼ିଲେ

**ଯାଜପୁରରୋଡ୍, ୨୩।୧ (ପବିତ୍ର ରଞ୍ଜନ ମହାନ୍ତି)**

■ ୨ ଜଣ ଗିରଫ
■ ଗୋମାଂସ, ବାଇକ୍ ଜବତ

ବ୍ୟାସନଗର ସହର ନହକା ଗୋଲେଇ ଛକ ନିକଟରେ ଏକ ବାଇକ୍‌ରେ ଗୋ ମାଂସ ନେଇ ଆସୁଥିବା ୨ ଯୁବକ ଓ ଜଣେ ନାବାଳକଙ୍କୁ ବଜରଙ୍ଗ ଦଳ କର୍ମୀ ଧରି ପୋଲିସ ଜିମା ଦେଇଛନ୍ତି। ପୋଲିସ ସେମାନଙ୍କ ମଧ୍ୟରୁ ୨ଜଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିସହିତ ସେମାନେ ଆଣିଥିବା ଗୋ ମାଂସ ଓ ବାଇକ୍ ଜବତ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ରଗଡ଼ି ଉପକାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ସେକ୍ ପିଣ୍ଟୁ ଓ ସେକ୍ ସାହେବ। ସେମାନଙ୍କ ମଧ୍ୟରେ ଥିବା ଜଣେ ନାବାଳକଙ୍କୁ ବାଳ ସୁଧାର ଗୃହକୁ ପଠାଇଯାଇଛି। ସମସ୍ତେ ପଶ୍ଚିମବଙ୍ଗ ଅଞ୍ଚଳର। ଏଠାରେ ରହି ମାର୍ବଲ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ସ୍ଥାନୀୟ ଅହମ୍ମଦ ନଗରରୁ ଗୋମାଂସ କିଣି ଆଣିଥିବା ପୋଲିସ ନିକଟରେ ପ୍ରକାଶ କରିଥିଲେ। ଅନ୍ୟପକ୍ଷରେ ସୋମବାର ସହରରେ ଶ୍ରୀରାମ ପ୍ରାଣ ପ୍ରତିଷ୍ଠାକୁ ନେଇ ଏକ ଆଧ୍ୟାତ୍ମିକ ବାତାବରଣ ଥିବାବେଳେ ସହର ମଧ୍ୟରେ ଗୋ ମାଂସ ବିକ୍ରିକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଏହା କେଉଁଠାରୁ ଆସୁଛି ଓ କିଏ ବିକ୍ରି କରୁଛି ସେ ନେଇ ପୋଲିସ ତଦନ୍ତ ଜାରିରଖିଛି। ତେବେ ରେଳ ଓଭର ବ୍ରିଜ ନିକଟ ଅହମ୍ମଦ ନଗରରେ ଗୋ ମାଂସ ବିକ୍ରି ହେଉଥିବା ଓ ସେଠାରେ ଏକ ହୋଟେଲରେ ମଧ୍ୟ ମିଳୁଥିବା ସାଧାରଣରେ ମତପ୍ରକାଶ ପାଇଛି। ଏନେଇ ଏକ ମାମଲା ନଂ.୬୩।୨୪ ରୁଜୁ ହୋଇଥିବା ଥାନା ଅଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଆଦର୍ଶ


@ ଅନିଲ


@ ଅନ୍ତର୍ଯାମୀ


@ ଦୁର୍ଗାପ୍ରସାଦ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବଳକା ଖାଦ୍ୟ ବଣ୍ଟନ

**ପାଣିକୋଇଲି, ୨୩।୧ (ବିକାଶ ମଲ୍ଲିକ):**

ପାଣିକୋଇଲିର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପ ପକ୍ଷରୁ ବଳକା ଖାଦ୍ୟ ବଣ୍ଟନ କରାଯାଇଛି। ସୋଡି ଈଶାଣେଶ୍ୱର ମନ୍ଦିରରେ ରାମ ମନ୍ଦିର ପ୍ରତିଷ୍ଠା ଅବସରରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ମାତ୍ର କିଛି ପ୍ରସାଦ ବଳିଥିବା ନେଇ ଗ୍ରୁପକୁ ଜଣାଇବା ପରେ ସଭାପତି ଅଶୋକ ଦାସ ପହଞ୍ଚି ସେସବୁକୁ ଆଣି ପଥରପଦା ଆଦିବାସୀ ବସ୍ତିରେ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଗ୍ରୁପ୍ ଉପଦେଷ୍ଟା ଅଶୋକ ବଳ, ସୁବାସ ଧଳ ଓ ତାରିଣୀ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷକ ଭବନ ସଭାଗୃହ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ବିଧାୟକ ଓ ଅନ୍ୟ ଅତିଥି।

**ବଡ଼ଚଣା, ୨୩।୧ (ଦିଲୀପ କୁମାର ମହାନ୍ତି):**

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ବଡ଼ଚଣାଠାରେ ବ୍ଲକ୍‌ସ୍ତରୀୟ ଶିକ୍ଷକ ମହାସଂଘ ତରଫରୁ ନୂତନ ଶିକ୍ଷକ ଭବନ ସଭାଗୃହ ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତେନ୍ଦୁ ଓତାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଶ୍ରେଣୀଗୃହରୁ ଦେଶର ଭବିଷ୍ୟତ ନିର୍ମାଣ ହେଉଥିବା ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ସେମାନଙ୍କ ଶିକ୍ଷାର ବିକାଶ ଲାଗି ସରକାରଙ୍କ ତରଫରୁ ବିଭିନ୍ନ ସାହାଯ୍ୟ ସହଯୋଗ ଦିଆଯାଉଛି। ବଡ଼ଚଣାରେ ଶିକ୍ଷାର ବିକାଶ ପାଇଁ ୫-ଟି ମାଧ୍ୟମରେ ବିଦ୍ୟାଳୟର ପୂର୍ଣ୍ଣନିର୍ମାଣ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସ (ଗ୍ରାମୀଣ) ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିବା ସହିତ ଶିକ୍ଷକ ଭବନ କେବଳ ଶିକ୍ଷକମାନଙ୍କ କାର୍ଯ୍ୟରେ ନୁହେଁ, ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବ୍ୟବହାର କରାଯାଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବଡ଼ଚଣା ବ୍ଲକ୍ ଅଧ୍ୟକ୍ଷା ମିନତି ସେନାପତି, ଉପାଧ୍ୟକ୍ଷ ବିଭାଷ ଚନ୍ଦ୍ର ନନ୍ଦ, ବଡ଼ଚଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ରବୀନ୍ଦ୍ର ପ୍ରଧାନ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ପ୍ରସାଦ ନାୟକ, ବଡ଼ଚଣା ସରପଞ୍ଚ ରାଜଲକ୍ଷ୍ମୀ ମହାନ୍ତି, ସମିତିସଭ୍ୟ ମଧୁସୂଦନ ବଳ ଓ ସାମାଜିକ କର୍ମୀ ଚିନ୍ମୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ସିଆର୍‌ସିସି ପ୍ରଶାନ୍ତ ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲାବେଳେ ବଳରାମ ରଣା ଅତିଥି ପରିଚୟ ପ୍ରଦାନ, ସମ୍ପାଦକ ସମରକେତନ ନାୟକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷକ ସନ୍ତୋଷ ଜେନା, ପ୍ରଶାନ୍ତ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଗଣେଶ୍ୱର ପ୍ରଧାନ, ଶିକ୍ଷୟିତ୍ରୀ ବିଜୟନୀ ନନ୍ଦ, ଅଞ୍ଜଳି ମହାନ୍ତି ଓ ମାନସୀ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଧାୟକଙ୍କୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଛାତ୍ରୀ ଜ୍ୟୋତିର୍ମୟୀ ଦାସ ସ୍ୱାଗତ ସଙ୍ଗୀତ ନୃତ୍ୟ ପରିବେଷଣ କରିଥିଲେ।

## ଓଚିନ୍ଦା ହରିହାଟ ମହୋତ୍ସବ ଉଦ୍‌ଯାପିତ

**ପାଣିକୋଇଲି, ୨୩।୧ (ବିକାଶ ମଲ୍ଲିକ):**

କୋରେଇ ବ୍ଲକ ପଥରପଦା ପଞ୍ଚାୟତ ଓଚିନ୍ଦା ଗ୍ରାମର ହରିହାଟ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହା ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଥିଲା। ନାମ ଯଜ୍ଞ, ଗୀତା ଯଜ୍ଞ, ଭାଗବତ ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ନୂତନ ଗୋପୀନାଥ ମନ୍ଦିର ପ୍ରତିଷ୍ଠା କରାଯାଇଥିଲା। ଗୋପୀନାଥ ନାଟ୍ୟ ପରିଷଦ ପକ୍ଷରୁ ୨ ଦିନ ମୁକ୍ତାକାଶ ନାଟକ ଓ ଗ୍ରାମର କୁନି କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା।

ଉଦ୍‌ଯାପନୀ ଉତ୍ସବରେ ଏମ୍‌ପି ଶର୍ମିଷ୍ଠା ସେଠୀ, କୋରେଇ ବିଧାୟକ ଅଶୋକ ବଳ, ମୋ କଲେଜ ଅଧ୍ୟକ୍ଷ ଆକାଶ ଦାସ ନାୟକ, ଯାଜପୁର ବିଧାୟକଙ୍କ ପ୍ରତିନିଧି କର୍ଣ୍ଣାଟ କେଶରୀ ଦାସ, ଭାଜପା ନେତା ବିଶ୍ୱଜିତ ନାୟକ, ଜିଲା ପରିଷଦ ସଭାପତି ନଳିନୀ ପ୍ରଭା ଜେନା, ଶିଳ୍ପପତି ପର୍ଶୁରାମ ଦାଶ, ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ପଣ୍ଡିତ ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ସମିତିସଭ୍ୟ ପ୍ରିୟଙ୍କା ବରାଳ, ସରସ୍ୱତୀ ସ୍ୱାଇଁ ପୁଷ୍ପାଞ୍ଜଳି ମହାପାତ୍ର, ସରପଞ୍ଚ ମଧୁସ୍ମିତା ବାରିକ, ସନ୍ତୋଷ ସ୍ୱାଇଁ, ସାଗରିକା ଭୂୟାଁ ଓ ସନ୍ତୋଷ ବେହେରାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଏବଂ ରାଜନେତା ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଗ୍ରାମବାସୀ ସହଯୋଗ କରିଥିଲେ।

# ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

**ଯାଜପୁରରୋଡ୍, ୨୩।୧ (ପବିତ୍ର ରଞ୍ଜନ ମହାନ୍ତି):**

ସତ୍‌ସଙ୍ଗ ଏକ ବିପ୍ଳବ, ଯାହା ମଣିଷର ଅନ୍ତର ଭିତରେ ମାନବ ପଣିଆ ସୃଷ୍ଟି ପାଇଁ ଅଭିପ୍ରେତ। ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବରେ ଆୟୋଜିତ ସତ୍‌ସଙ୍ଗ ସଧାରଣ ସଭାରେ ଯୋଗଦେଇ ବହୁ ବିଶିଷ୍ଟ ବକ୍ତା ଏହି ମତବ୍ୟକ୍ତ କରିଛନ୍ତି। ବ୍ୟାସନଗର ଉମାପଦାସ୍ଥିତ ସତସଙ୍ଗ ବିହାର ଆନୁକୂଲ୍ୟରେ ସମ୍ପାଦକ ନିତ୍ୟାନନ୍ଦ ନାୟକ ଏବଂ କୋଷାଧ୍ୟକ୍ଷ କୀର୍ତ୍ତନ ବିହାରୀ ସ୍ୱାଇଁଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ପରେ ଏକ ସୁସଜ୍ଜିତ ରଥରେ ଶ୍ରୀଶ୍ରୀ ଠାକୁରଙ୍କୁ ଶୋଭାଯାତ୍ରା ଓ ସଙ୍କୀର୍ତ୍ତନ ମାଧ୍ୟମରେ ନଗର ପରିକ୍ରମା କରାଯାଇଥିଲା।

ଅପରାହ୍ନରେ ପଦ୍ମାଳୟା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମାତୃ ସମ୍ମିଳନୀରେ ମୁଖ୍ୟବକ୍ତା ଭାବେ କେନ୍ଦୁଝରର ହରିପ୍ରିୟା ମିଶ୍ର ଯୋଗଦେଇଥିଲେ। ମୁଖ୍ୟ ଅତିଥିଭାବେ ବ୍ୟାସନଗରର ପୂର୍ବତନ ପୌରାଧ୍ୟକ୍ଷା ସବିତା ରାଉତ ଯୋଗଦେଇ ଶ୍ରୀଶ୍ରୀଠାକୁରଙ୍କ ଦିବ୍ୟଦର୍ଶନରେ ମା'ମାନଙ୍କ ଭୂମିକା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସନ୍ଧ୍ୟାରେ ସାନ୍ଧ୍ୟା ବିନତୀ ପ୍ରାର୍ଥନା, ଗ୍ରନ୍ଥପାଠ, ବେଢ଼ା ପରିକ୍ରମା, ନାମ ସଂକୀର୍ତ୍ତନ ସହ ଭଦ୍ରକରୁ ଆଗତ ମହେଶ୍ୱର ନାୟକ ଏବଂ ସାଥୀଙ୍କ ଦ୍ୱାରା ସଙ୍ଗୀତାଞ୍ଜଳି ଅନୁଷ୍ଠିତ ହୋଇଥିଲା।



ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀରେ ଯୋଗଦେଇଥିବା ଅତିଥି।

ପରେ ଡି.ପି ୱାର୍କ ସମ୍ପର୍କିତ ଏକ ବୈଠକ ହୋଇଥିଲା। କଟକ ସତ୍‌ସଙ୍ଗ ବିହାରର ସମ୍ପାଦକ ଡମ୍ବରୁଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସନ୍ଧ୍ୟା ସତ୍‌ସଙ୍ଗ ସାଧାରଣ ସଭାରେ ମୁଖ୍ୟଅତିଥିଭାବେ ଦେଓଘର କେନ୍ଦ୍ର ସତ୍‌ସଙ୍ଗ ସହସମ୍ପାଦକ ପ୍ରତିଋତ୍ୱିକ ଡା. ବିନାୟକ ମହାପାତ୍ର ଯୋଗଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସହପ୍ରତିଋତ୍ୱିକ ଶ୍ରୀଧର ସୁନ୍ଦର ମିଶ୍ର, ମୁଖ୍ୟବକ୍ତା ପ୍ରଫେସର ଡ. ହରପ୍ରସାଦ ସାହୁ ଓ ସ୍ଥାନୀୟ କାଉନସିଲର ଶିବାନନ୍ଦ ନାୟକ ଯୋଗଦେଇଥିଲେ। ସହପ୍ରତିଋତ୍ୱିକ ଅଧ୍ୟାପକ ବିରଞ୍ଚି ନାରାୟଣ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ବ୍ୟାସନଗର ସତ୍‌ସଙ୍ଗ ଶ୍ରୀମନ୍ଦିରର ତତ୍ତ୍ୱାବଧାରକ ଡ.ବିଜୟ ନାୟକ ସତସଙ୍ଗ ବିହାରର ଇତିବୃତ୍ତି ସହିତ ଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟଜୀବନ ମଣିଷ ସମାଜ ପାଇଁ ଆଦର୍ଶ ଚଳନୀର ଆହ୍ୱାନ ବୋଲି କହିଥିଲେ। ସମ୍ମାନିତ ବକ୍ତା ଭାବେ ଇଂ. ରଞ୍ଜିତ ମୁଦୁଲି ଯୋଗଦେଇଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ୧୦ ହଜାରରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇଥିଲେ। ଦିବସବ୍ୟାପୀ ଦୀକ୍ଷା କାର୍ଯ୍ୟକ୍ରମ ଜାରି ରହିଥିଲା। ସମସ୍ତ କାର୍ଯ୍ୟରେ ନିତ୍ୟାନନ୍ଦ ନାୟକ, କୀର୍ତ୍ତନ ବିହାରୀ ସ୍ୱାଇଁ, ଅଲେଖ ପ୍ରସାଦ ମହାରଣା, ଗୋପାଳ ଚନ୍ଦ୍ର ମହାନ୍ତି, ଦିବାକର ସ୍ୱାଇଁ, ମାନସ ମଙ୍ଗଳମ ପଣ୍ଡା, ବିନୟ କୁମାର ରାଉତ, ଶରତ ସ୍ୱାଇଁ, ଶରତ ସାମଲ, ଉମାକାନ୍ତ ତାରିଣୀ, କୁଳମଣି ସାହୁ, ପ୍ରଦୀପ୍ତ ନାଥ, ରାମଚନ୍ଦ୍ର ରଥ, ପର୍ଶୁରାମ ସାହୁ, କମଳାକାନ୍ତ ସାହୁ, ସଞ୍ଜିତ ଧଳ, ବିଶ୍ୱଜିତ କାମିଲା, ବିଷ୍ଣୁଚରଣ ପରିଡା ଏବଂ ମନୋଜ ରାଉଳ ପ୍ରମୁଖ ସହଯୋଗ କରିଥିଲେ।

## ଗଠନ ହେଲା କଣ୍ଟେନର ଟ୍ରଷ୍ଟ

ପାରାଦୀପ,(ଶରତ ରାଉତ): ପାରାଦୀପ ଉପକଣ୍ଠ ଗଡ଼ବଜାରଠାରେ ମଙ୍ଗଳବାର କଣ୍ଟେନର ମାଲିକମାନେ ମିଳିତ ହୋଇ ଏକ ସଙ୍ଗଠନ କରିଛନ୍ତି। ତାହାର ନାମ ରହିଛି ପାରାଦୀପ କଣ୍ଟେନର ଟ୍ରଷ୍ଟ। ଏଥିରେ ସଭାପତି ଭାବେ ପ୍ରଭଞ୍ଜନ ସେନାପତି, ଉପସଭାପତି ଶୁଭ୍ରାନ୍ତ ପ୍ରଧାନ, ସମ୍ପାଦକ ରବିନାରାୟଣ ପ୍ରଧାନ, ସହସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, କୋଷାଧକ୍ଷ ନିରଞ୍ଜନ ବେହେରା ଅଛନ୍ତି। ଏଥିରେ ୫୦ରୁ ଅଧିକ କଣ୍ଟେନର ମାଲିକ ସାମିଲ ହୋଇଥିଲେ। ଆଗାମୀଦିନରେ ସଂଘ ବିଭିନ୍ନ ପ୍ରକାର ଅସୁବିଧା ସମୟରେ ସଂଗଠିତ ହୋଇ ସମାଧାନ କରିବାକୁ ସଭ୍ୟମାନେ ନିଷ୍ପତ୍ତି ନେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ଗଳା କାଟି ଦେଲେ ଦୁର୍ବୃତ୍ତ

**ମକର ଯାତ୍ରା ଦେଖିବାକୁ ଯାଇଥିଲେ**

ତିର୍ତ୍ତୋଲ, ୨୩।୧
(ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କୃଷ୍ଣାନନ୍ଦପୁର ଥାନା ଅଧିନ କନିମୂଳ ପଞ୍ଚାୟତ ଗଇଠିପୁର ଗ୍ରାମର ଜଣେ ମହିଳା ସୋମବାର ରାତିରେ ନିକଟରେ ଚାଲିଥିବା ମକର ମେଳା ଦେଖିବାକୁ ଯାଇ ଆକ୍ରମଣର ଶିକାର ହୋଇଛନ୍ତି। ଦୁର୍ବୃତ୍ତଙ୍କ ମାରଣାସ୍ତ୍ରରେ ଗୁରୁତର ହୋଇ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ଗଇଠିପୁର ଗ୍ରାମର ଗଗନ ସେଠୀଙ୍କ ସ୍ତ୍ରୀ ଜିନୀତା ସ୍ଥାନୀୟ ବିଲେଇସୁଣୀ ମକର ଯାତ୍ରା ଦେଖିବାକୁ ଯାଇଥିଲେ। ସେଠାରେ ସେ ନିକଟସ୍ଥ ପାଇକା ନଦୀକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ କୌଣସି ଦୁର୍ବୃତ୍ତ ତାଙ୍କ ଗଳା କାଟି ଦେଇ ଚାଲିଯାଇଛନ୍ତି। ମେଳା ଦେଖିବାକୁ ଆସିଥିବା କେତେଜଣ ଲୋକେ ଏହା ଦେଖି ୧୦୮ ଆମ୍ବୁଲାନ୍ସରେ ଖବର ଦେଇଥିଲେ। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଜିନୀତାଙ୍କୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ କୃଷ୍ଣାନନ୍ଦପୁର ଥାନା ଅଧିକାରୀ ପ୍ରିୟବ୍ରତ ରାଉତଙ୍କୁ ପଚାରିବାରୁ କୌଣସି ଅଭିଯୋଗ ହୋଇ ନ ଥିବାରୁ ମାମଲା ରୁଜୁ ହୋଇ ନ ଥିବା କହିଛନ୍ତି।

### ପାରାଦୀପ ବନ୍ଦର, ଡିଏଲ୍‌ଆର୍ ଶ୍ରମିକଙ୍କ ଭତ୍ତା ବୃଦ୍ଧି

**ଅଧକ୍ଷଙ୍କୁ ଧନ୍ୟବାଦ ଜଣାଇଲେ ସଂଘ**

ପାରାଦୀପ,୨୩।୧(ଶରତ ରାଉତ)

ପାରାଦୀପ ବନ୍ଦର ମଧ୍ୟରେ କାର୍ଯ୍ୟରତ ହଜାରରୁ ଅଧିକ ଶ୍ରମୀକଙ୍କ ଆନୁଷଙ୍ଗିକ ଭତ୍ତା ବୃଦ୍ଧି ସମ୍ପର୍କରେ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ଏଥିରେ ହଜାରରୁ ଅଧିକ ଡିଏଲ୍‌ଆର୍ (ଡେଲି ଲେବର ରେଟ)ଶ୍ରମିକମାନେ ମାସିକ ପ୍ରାୟ ୨ ହଜାର ଟଙ୍କା ଅଧିକ ପାଇବେ। ଏହି ଭତ୍ତା ପିଛିଲା ଭାବେ ଗତ ଡିସେମ୍ବର ମାସଠାରୁ ପାଇବେ ବୋଲି ବନ୍ଦର ପ୍ରଶାସନ ପକ୍ଷରୁ ସର୍କୁଲାର (୧୨୪/୨୩-୦୧-୨୦୨୪)ଜାରି କରାଯାଇଛି। ଏହି ନିଷ୍ପତ୍ତିକୁ ପାରାଦୀପ ପୋର୍ଟଡିଏଲ୍‌ଆର୍ ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏଶନ ପକ୍ଷରୁ ସ୍ୱାଗତ କରାଯାଇଛି। ଏନେଇ ସଂଘ ପକ୍ଷରୁ ବନ୍ଦର ଅଧକ୍ଷକଙ୍କୁ ଧନ୍ୟବାଦ ଜଣାଯାଇଛି। ଆସୋସିଏଶନ ସଭାପତି ଅରିନ୍ଦମ ସର୍ଖେଲ (ବାପି)ଙ୍କ କହିବା ଅନୁଯାୟୀ, ୨୦୨୧ ସେପ୍ଟେମ୍ବର ୬ରୁ ଏନେଇ ବାରମ୍ବାର ଦାବି ଉପସ୍ଥାପନ କରାଯିବା ସହ ଚିଠି ଦିଆଯାଇଥିଲା। ଗତ ଡିସେମ୍ବର ୨୬ରେ ବନ୍ଦର ଅଧକ୍ଷ ପି.ଏଲ୍. ହାରାନ୍ଧ ବୈଠକ ଡାକି ଏ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେଥିରେ ଆଲୋଚନା କରାଯାଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଛି। ଏହି ଅନୁସାରେ ଶ୍ରମିକଙ୍କ କ୍ୟାଣ୍ଟିନ ଆଲାଉନ୍ସ ବାବଦରେ ଦୈନିକ ୮୦ ଟଙ୍କା, ଯାତାୟାତ ପାଇଁ ୬୦ ଟଙ୍କା, ୱାଶିଂ ପାଇଁ ୪୫ ଟଙ୍କା ଓ ୱେଲ୍‌ଫେୟାର ବାବଦରେ ୬୦ ଟଙ୍କା ଲେଖାଏଁ ବୃଦ୍ଧି କରାଯାଇଛି। ଏପରିଭାବେ ଜଣେ ଶ୍ରମିକ ମାସିକ ପ୍ରାୟ ୨ ହଜାର ଟଙ୍କା ମୂଳ ଦରମା ଠାରୁ ଅଧିକ ପାଇବେ ବୋଲି ସର୍ଖେଲ କହିଛନ୍ତି।

# ଧାର୍ଯ୍ୟ ପରିମାଣରୁ କମ୍ ଧାନ କ୍ରୟ: ଚାଷୀ ଅସନ୍ତୋଷ

- ମଣ୍ଡିରେ ଉତ୍ତେଜନା
- ପୋଲିସ ହସ୍ତକ୍ଷେପ ପରେ ଉଠିଲା ଧାନ

ରଘୁନାଥପୁର,୨୩।୧
(ରାଜେନ୍ଦ୍ର ନାରାୟଣ ସିଂହ)


ଧାନମଣ୍ଡିରେ ପୋଲିସ ଚାଷୀଙ୍କ ସହ ଆଲୋଚନା କରୁଛନ୍ତି।

ରଘୁନାଥପୁର ବ୍ଲକ ଛପଡା ଧାନମଣ୍ଡିରେ ମଙ୍ଗଳବାର ଧାନ ବିକ୍ରିକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଧାନ ଦେବାପାଇଁ ଟୋକନ ପାଇଥିବା ଚାଷୀଙ୍କ ଧାର୍ଯ୍ୟ ପରିମାଣଠାରୁ କମ୍ ଧାନ କ୍ରୟ କରିବାକୁ ନେଇ ଚାଷୀ ପ୍ରଶାନ୍ତ ରାଉତ, ଅଶୋକ ଭୂୟାଁ, ଜ୍ଞାନରଞ୍ଜନ ପରିଡା ଓ ଧୁଳେଶ୍ୱର ଦାସ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଫଳରେ ୪ ଘଣ୍ଟା କାଳ ମଣ୍ଡିରେ ଟ୍ରକ ଅଟକି ରହିଥିଲା। ତିର୍ତ୍ତୋଲ ପୋଲିସର ହସ୍ତକ୍ଷେପ ପରେ ଅପରାହ୍ନରେ ଧାନ କ୍ରୟ ହୋଇ ଟ୍ରକ୍‌ରେ ଲୋଡ ହୋଇଥିଲା। ସୂଚନାଯୋଗ୍ୟ, ସରକାରଙ୍କ ପକ୍ଷରୁ ମଣ୍ଡିରେ ଧାନ ଦେବାପାଇଁ ଅଧିକ ଟାର୍ଗେଟ ଆସି ନ ଥିଲା। ଗତବର୍ଷ କେବଳ ୬୧୦ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୫୫ ଜଣ ଚାଷୀ ଧାନ ଦେଇପାରି ନ ଥିଲେ। ଫଳରେ ଚାଷୀଙ୍କ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଚଳିତ ବର୍ଷ ମୋଟ ୬୫୫ ଜଣ ଚାଷୀ ନାମ ପଞ୍ଜୀକରଣ କରିଥିବାବେଳେ କ୍ରୟ କମିଟି ପକ୍ଷରୁ ସମସ୍ତ ଚାଷୀ ଯେପରି ମଣ୍ଡିରେ ଧାନ ଦେଇପାରିବେ ସେଥିପାଇଁ ଏକ ବିକଳ୍ପ ବ୍ୟବସ୍ଥା କରାଯାଇଥିଲା। ୧୦ ରୁ ୨୦ କୁଇଣ୍ଟାଲ ଟୋକନ ପାଇଥିବା ଚାଷୀଙ୍କ ଠାରୁ ୧୦ ପ୍ରତିଶତ, ୨୦ ରୁ ୫୦ କୁଇଣ୍ଟାଲ ପର୍ଯ୍ୟନ୍ତ ୧୫ ପ୍ରତିଶତ ଓ ୫୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଟୋକନ ପାଇଥିବା ଚାଷୀଙ୍କଠାରୁ ୨୦ ପ୍ରତିଶତ ଧାନ କମ୍ ନେବାପାଇଁ ଏକ ରିଜୋଲ୍ୟୁଶନ କରାଯାଇ ନୋଟିସ ମାଧ୍ୟମରେ ଅବଗତ କରାଯାଇଥିଲା। ସରକାରୀସ୍ତରରେ ଧାର୍ଯ୍ୟ ହୋଇଥିବା ପରିମାଣ ଠାରୁ କାହିଁକି କମ୍ ଧାନ ନିଆଯିବ ବୋଲି କହି ଚାଷୀ ଅଡି ବସିଥିଲେ। ସମିତି ସଭାପତି ପ୍ରମୋଦ କୁମାର ମହାନ୍ତି, ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବୋର୍ଡ ନିର୍ଦ୍ଦେଶକ ଅନ୍ତର୍ଯାମୀ ସାମଲ, କ୍ରୟ କମିଟି ସଦସ୍ୟ ବସନ୍ତ କୁମାର ଦଳେଇ, ସୁବାସ ରାଟସିଂହ, ଭକ୍ତବତ୍ସଳ ବେହେରା ଓ ଜ୍ୟୋତିରଞ୍ଜନ ନାୟକ ବୁଝାଶୁଝା କରିଥିଲେ ସୁଦ୍ଧା କ୍ଷୁବ୍ଧ ଚାଷୀମାନେ ଜିଦରେ ଅଟଳ ରହିଥିଲେ। ଶେଷରେ ପୋଲିସ ଉପସ୍ଥିତିରେ ସମସ୍ତ ଆଲୋଚନା ହେବାପରେ ଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସରକାରଙ୍କ ପକ୍ଷରୁ ଅଧିକ ପରିମାଣର ଧାନ କ୍ରୟ ପାଇଁ ଟାର୍ଗେଟ ଆସୁ ନ ଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବାଧହୋଇ ଚାଷୀମାନେ ସେମାନଙ୍କ ବଳକା ଧାନ ବିକ୍ରୟ ପାଇଁ ବେପାରୀଙ୍କ ଦ୍ୱାରସ୍ଥ ହେଉଛନ୍ତି ବୋଲି ପ୍ରକାଶ କରିଛନ୍ତି। ଜିଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ଦାବି ହେଉଛି।

## ସିଆର୍‌ସିସିଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ

**ନାଗପୁର ୟୁପି ବିଦ୍ୟାଳୟରେ ଶିକ୍ଷକ ଅଭାବ ଘଟଣା**

ବାଲିକୁଦା,୨୩।୧(ତାପସ ସ୍ୱାଇଁ)


ଧାରଣା ଦେଇଥିବା ଛାତ୍ରୀଛାତ୍ର, ଅଭିଭାବକମାନେ।

ବାଲିକୁଦା ବ୍ଲକ ଶିକ୍ଷା ଅଧୀନ ନାଗପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଯୋଗୁ ଛାତ୍ରୀଛାତ୍ରମାନେ ପାଠପଢ଼ାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ୧୯ ଜାନୁଆରୀରୁ ବିଦ୍ୟାଳୟରେ ତାଲାପକାଇ ପରିଚାଳନା କମିଟି ସଭାପତିଙ୍କ ସହ ୫୦ରୁ ଉର୍ଦ୍ଧ୍ୱ ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣା ଦେଇଥିଲେ। ସିଆର୍‌ସିସି ପ୍ରବୀର ଲେଙ୍କା ମଙ୍ଗଳବାର ଧାରଣାସ୍ଥଳରେ ପହଞ୍ଚି ବିଦ୍ୟାଳୟକୁ ଜଣେ ଶିକ୍ଷକ ଦିଆଯିବା ନେଇ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ବେଳେ ପିଲା ସଂଖ୍ୟା ୪୨। ଏଠାରେ ପୂର୍ବରୁ ୪ ଜଣ ଶିକ୍ଷୟିତ୍ରୀ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଏବେ ୨ଜଣ ଶିକ୍ଷୟିତ୍ରୀରେ ପିଲାଙ୍କ ପାଠପଢ଼ା ଚାଲିଛି। କାର୍ଯ୍ୟରତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବଳ ଓ ସହକାରୀ ଶିକ୍ଷୟିତ୍ରୀ ପ୍ରଭାତୀ ରାଉତ ପ୍ରଥମ ରୁ ୮ମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ପଢ଼ାଉଛନ୍ତି। ଶିକ୍ଷକ ଅଭାବରୁ ବିଦ୍ୟାଳୟରେ ଶିକ୍ଷା ଦାନ ପ୍ରଭାବିତ ହେଉଥିବା ନେଇ ଅଭିଭାବକମାନେ ପୂର୍ବରୁ ବାରମ୍ବାର ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ଶେଷରେ ଅଭିଭାବକମାନେ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ଫଳରେ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିଲା। ଶିକ୍ଷକ ନିଯୁକ୍ତି ସମ୍ପର୍କରେ ପ୍ରତିଶ୍ରୁତି ମିଳିବାପରେ ପରିଚାଳନା କମିଟି ସଭାପତି ସୁଚିତ୍ର ସ୍ୱାଇଁ, ଉପସଭାପତି ଅମ୍ବିକା ପ୍ରସାଦ ବିଶ୍ୱାଳ, ଅଭିଭାବକ ଶାରଦା ପ୍ରସନ୍ନ ବିଶ୍ୱାଳ, ଆରତୀ ବିଶ୍ୱାଳ, ପ୍ରଶାନ୍ତୀ ସେଠୀ, ସୌଦାମିନୀ ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ମଲ୍ଲିକ. ଝୁମିତା ମଲ୍ଲିକ, ମଧୁମିତା ବିଶ୍ୱାଳ, ରୋଜାଲିନ ସ୍ୱାଇଁ, ପ୍ରଶାନ୍ତ ସାହୁ ପ୍ରମୁଖ ଧାରଣାରୁ ଉଠିଛନ୍ତି। ତେବେ ତୁରନ୍ତ ଆବଶ୍ୟକ ଶିକ୍ଷକ ନିଯୁକ୍ତି ନ ହେଲେ ବିଦ୍ୟାଳୟ ନୁହେଁ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

## ୨୭ରେ ଜିଲାସ୍ତରୀୟ କବାଡ଼ି ଖେଳାଳି ଚୟନ

ଜଗତ୍‌ସିଂହପୁର, ୨୩।୧
(ପ୍ରମୋଦ କୁମାର ନାୟକ)

ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତାରେ ଭାଗନେବା ପାଇଁ ଜିଲା କବାଡ଼ି ଦଳ (ପୁରୁଷ ଓ ମହିଳା) ଚୟନ ପ୍ରକ୍ରିୟା ଆସନ୍ତା ୨୭ ତାରିଖରେ କରାଯିବ। ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମରେ ହେବାକୁ ଥିବା ଏହି ଚୟନ ପ୍ରକ୍ରିୟା ଅପରାହ୍ନ ୨ଟାରୁ ଆରମ୍ଭ ହେବ। ଯେଉଁମାନେ ଅଂଶଗ୍ରହଣ କରିବାକୁ ଚାହିଁବେ ସେମାନେ ଧାର୍ଯ୍ୟ ତାରିଖ, ସମୟ ମଧ୍ୟରେ ଯଥାସ୍ଥାନରେ ପହଞ୍ଚିବାକୁ ଜିଲା କ୍ରୀଡା ସଂସଦ ସମ୍ପାଦକ ଦୋଳଗୋବିନ୍ଦ ଦାଶ ଅନୁରୋଧ କରିଛନ୍ତି।

## ପାଇପ ଲାଇନ ଆଗରେ ଶ୍ରମିକଙ୍କ ଧାରଣା ଜାରି, ଜଣେ ଅସୁସ୍ଥ

ପାରାଦୀପ,୨୩।୧(ଶରତ ରାଉତ)

ପାରାଦୀପ ଇଣ୍ଡିଆନ ଅଏଲ ପାଇପ ଲାଇନ ଡିଭିଜନ ଆଗରେ ଶ୍ରମିକମାନେ ୮ ଦଫା ଦାବିରେ ୧ ତାରିଖରୁ ଧାରଣାରେ ବସିଛନ୍ତି। ଏହା ମଧ୍ୟରେ ୭ରୁ ଅଧିକ ଥର ତ୍ରିପାକ୍ଷିକ ଆଲୋଚନା ପରେ ମଧ ସମାଧାନ ହୋଇପାରିନାହିଁ। ଏପରି ସ୍ଥଳେ ମଙ୍ଗଳବାର ଜଣେ ଧାରଣାକାରୀ ଶ୍ରମିକ ଅସୁସ୍ଥ ହୋଇ ପଡିଛନ୍ତି। ସେ ହେଲେ ନଟବର ଗୋଚ୍ଛାୟତ। ତାଙ୍କୁ ଅଠରବାଙ୍କି ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ପେଟ୍ରୋଲିୟମ ପ୍ରଡକ୍ଟ ହ୍ୟାଣ୍ଡଲିଂ କ୍ୟାରିୟର୍ସ ଆଣ୍ଡ ଏମ୍ପ୍ଲଇଜ ୟୁନିୟନ ପକ୍ଷରୁ ୧ତାରିଖରୁ ୨ଟି ଜାଗାରେ ଧାରଣା ଦିଆଯାଇଥିଲା। ୧୮ତାରିଖରେ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ ସସ୍ମିତା ସାହୁଙ୍କ ଜରିଆରେ ଆଲୋଚନା କରାଯାଇ କେତୋଟି ନିଷ୍ପତ୍ତି ନିଆଯାଇଥିଲା। ଯାହାଦ୍ୱାରା ବିଶୋଧନାଗାର ଆଗରେ ଚାଲିଥିବା ଧାରଣା ଚଳିଯାଇଛି। କିନ୍ତୁ ପାଇପ ଲାଇନ୍ ଧାରଣା ଉପରେ ସହମତି ହୋଇ ନ ଥିବାରୁ ତାହା ଜାରି ରହିଛି।

## ଜାତୀୟ ଚିତ୍ରକଳାରେ ୧୧୦ ଛାତ୍ରୀଛାତ୍ର ସାମିଲ


ଛାତ୍ରୀଛାତ୍ରମାନେ ଚିତ୍ରକଳା ପ୍ରଦର୍ଶିତ କରୁଛନ୍ତି।

ପାରାଦୀପ,୨୩।୧(ଶରତ ରାଉତ)

ସ୍ଥାନୀୟ ପାରାଦୀପ ପୋର୍ଟ କେନ୍ଦ୍ରୀୟ ବିଦ୍ୟାଳୟରେ ମଙ୍ଗଳବାର ପରୀକ୍ଷା ପେ ଚର୍ଚ୍ଚା ଜାତୀୟ ଚିତ୍ରକଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗତ୍‌ସିଂହପୁର ଜିଲାର ସିବିଏସ୍‌ଇ ସହବନ୍ଧିତ ୧୧ଟି ସ୍କୁଲର ୧୧୦ ଛାତ୍ରୀଛାତ୍ର ଭାଗ ନେଇଥିଲେ। କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ଓ ଜଗତ୍‌ସିଂହପୁର, ନବୋଦୟ, ଡିଏଭି ଓ ରାଜ୍ୟ ସରକାରଙ୍କ କେତେକ ସ୍କୁଲ ସାମିଲ ହୋଇଥିଲେ। ଏହାକୁ କେନ୍ଦ୍ରୀୟ ବିଦ୍ୟାଳୟ ପାରାଦୀପ ପ୍ରଧାନ ଆଚାର୍ଯ୍ୟ ପଙ୍କଜ ବାର୍ଷ୍ଣେୟ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ତରରେ ଘଟୁଥିବା ଘଟଣା ଉପରେ ଚିତ୍ରକଳା କରାଯାଇଥିଲା। ଚିତ୍ରକଳାକୁ ୫ ଜଣ କଳା ଶିକ୍ଷୟିତ୍ରୀଶିକ୍ଷକ ବିଚାରକ ଭାବେ ଚୟନ କରିଥିଲେ। ଏଥିରେ ପ୍ରଥମରୁ ପଞ୍ଚମ ସ୍ଥାନ ପାଇଥିବା ଛାତ୍ରୀଛାତ୍ର ହେଲେ ସ୍ମିତିପ୍ରଜ୍ଞା, ଅଲିଶା ଅଲ୍ଲୀ, ଚିନ୍ମୟ ବେହେରା, ସସ୍ମିତା ଦାସ ଓ କାବେରୀ ସାମନ୍ତ। କଳା ଶିକ୍ଷୟିତ୍ରୀ ମମତା କାର୍ଭେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆଦର୍ଶ


@ ଅନିଲ


@ ଅନ୍ତର୍ଯାମୀ


@ ଦୁର୍ଗାପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜେଲଗଲେ ୧୧ ଅଭିଯୁକ୍ତ

**ପୋଲିସକୁ ସଂଘବଦ୍ଧ ଆକ୍ରମଣ ମହଙ୍ଗା ପଡ଼ିଲା**

ବାଲିକୁଦା,୨୩।୧(ତାପସ ସ୍ୱାଇଁ)

ବାଲିକୁଦା ଥାନା ଓଷକଣା ପଞ୍ଚାୟତ ଅନ୍ତର୍ଗତ ପାଣିତରା ଗ୍ରାମରେ ଜଣେ ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା ବେଳେ ପୋଲିସକୁ ସଂଘବନ୍ଧ ଆକ୍ରମଣ କରିବା ମହଙ୍ଗା ପଡ଼ିଛି। ଏହି ଘଟଣାରେ ୧୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନଙ୍କ ଜାମିନ ନାମଞ୍ଜୁର ହେବାରୁ ଆଳିପିଙ୍ଗଳ ଉପ କାରାଗାରକୁ ପଠାଇ ଦିଆଯାଇଛି। ସେମାନେ ହେଲେ ପାଣିତିରା ଗ୍ରାମର ସନ୍ତୋଷ ମଲ୍ଲିକ (୨୬), ବାବୁରାମ ମଲ୍ଲିକ(୨୭), ରଞ୍ଜନ ମଲ୍ଲିକ(୩୯), ତୋଫାନ ମଲ୍ଲିକ(୨୭), ରଞ୍ଜନ ମଲ୍ଲିକ(୩୮), ବାପି ମଲ୍ଲିକ (୩୭), ମାମି ମଲ୍ଲିକ, ରାନୁ ମଲ୍ଲିକ, (୩୫), ମାମି ମଲ୍ଲିକ (୩୮) , ମଞ୍ଜୁଲତା ମଲ୍ଲିକ(୫୯) ଓ ଶ୍ରଦ୍ଧା ମଲ୍ଲିକ( ୨୪)। ସୂଚନାଯୋଗ୍ୟ, ପାଣିତରା ଗ୍ରାମର ବାପି ମଲ୍ଲିକଙ୍କ ନାମରେ ୫ରୁ ଉର୍ଦ୍ଧ୍ୱ ମାମଲା ରହିଛି। ଏନେଇ ତାଙ୍କୁ ଧରିବା ପାଇଁ ଜଗତ୍‌ସିଂହପୁର ଏସ୍‌ଡିଜେମ୍ କୋର୍ଟ ପକ୍ଷରୁ ଜାମିନବିହୀନ ଗିରଫ ପରୱାନା ଜାରି କରାଯାଇଥିଲା। ରବିବାର ସନ୍ଧ୍ୟାରେ ପୋଲିସ ପାଣିତରା ବାପିଙ୍କୁ ଧରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ପୋଲିସକୁ ଅତର୍କିତଭାବେ ଆକ୍ରମଣ କରି ବାପିଙ୍କୁ ନେଇଯାଇଥିଲେ ବୋଲି ଥାନାଧିକାରୀ ସଲୀଳ ପ୍ରଧାନ କହିଛନ୍ତି।

## ନେତାଜୀ ହେଲେ ସମସ୍ତଙ୍କ ଆଦର୍ଶର ପ୍ରତୀକ

ଜଗତ୍‌ସିଂହପୁର/ କୁଜଙ୍ଗ, ୨୩।୧ (ପ୍ରମୋଦ କୁମାର ନାୟକ/ ମନୋଜ ପ୍ରଧାନ)


ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ଆଗରେ ଉପସ୍ଥିତ କର୍ମୀମାନେ।

ଭାରତୀୟ ମୁକ୍ତି ସଂଗ୍ରାମର ମହାନ୍ ଦେଶଭକ୍ତ, ସଂଗ୍ରାମୀ ତଥା ବିଶିଷ୍ଟ ଜନନାୟକ ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ୧୨୭ତମ ଜୟନ୍ତୀ ଜଗତ୍‌ସିଂହପୁରରେ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଦଶ ନମ୍ବରସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ପରିଷଦ ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ନିର୍ବାହୀ ଅଧିକାରୀ ଅଶୋକ କର୍ଣ୍ଣ, ପୌର ପରିଷଦ ମୁଖ୍ୟ ସହାୟକ ଦୀପକ ପଟ୍ଟନାୟକ ଓ ପୌର କର୍ମଚାରୀମାନେ ମାଲ୍ୟାର୍ପଣ କରିଥିଲେ। ସେହିପରି କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ କାର୍ଯ୍ୟାଳୟ ପରିସରରେ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନେତାଜୀଙ୍କ ସ୍ମୃତି ଚାରଣ କରାଯାଇ ନେତାଜୀଙ୍କ ତୈଳଚିତ୍ରରେ ପୁଷ୍ପମାଲ୍ୟ ଦିଆଯାଇଥିଲା। ପରେ ସ୍ଥାନୀୟ ଦଶ ନମ୍ବରସ୍ଥିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ ମଲ୍ଲିକ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ପ୍ରସନ୍ନ ସାମନ୍ତରାୟ, ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ପାରିଷଦ ଜଗଦାନନ୍ଦ ପଢ଼ିହାରୀ, ପୂର୍ବତନ ସରପଞ୍ଚ ନିରଞ୍ଜନ ସେନ, କଂଗ୍ରେସ ନେତା ପ୍ରଦୀପ୍ତ କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ ଆଜାଦ ହିନ୍ଦ୍ ସାଂସ୍କୃତିକ ଅନୁଷ୍ଠାନ ପରିସରରେ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଦର୍ଶରେ ଯୁବ ସମାଜ ଅନୁପ୍ରାଣିତ ହେବାକୁ କୁହାଯାଇଥିଲା। ଅନୁଷ୍ଠାନର ସଭାପତି ଜୀବନାନନ୍ଦ ଅଧିକାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପୂର୍ବତନ ଏମ୍‌ପି ଡା. କୁଳମଣି ସାମଲ, ମୁଖ୍ୟବକ୍ତା କୁଜଙ୍ଗ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ବାବୁରାମ ଚୌଧୁରୀ, ଅନଙ୍ଗ ମହାପାତ୍ର, ପୂର୍ବତନ ସମ୍ପାଦକ ନରହରି ଦାସ, ସମ୍ପାଦକ ରମେଶ ଦାସ ଉପସ୍ଥିତ ଥିଲେ।

## ୧୦ ଦଫା ଦାବିରେ ଗଣ ସତ୍ୟାଗ୍ରହ

ରଘୁନାଥପୁର,୨୩।୧
(ରାଜେନ୍ଦ୍ର ନାରାୟଣ ସିଂହ)



ଗଣ ସତ୍ୟାଗ୍ରହ କରୁଥିବା ରେଢୁଆ ଆଞ୍ଚଳିକ ବିକାଶ ପରିଷଦର ସଦସ୍ୟ ଓ ଅନ୍ୟମାନେ।

ରଘୁନାଥପୁର ବ୍ଲକ ରେଢୁଆ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଞ୍ଚଳର ବିକାଶ ନିମନ୍ତେ ୧୦ ଦଫା ସମ୍ବଳିତ ଦାବି ନେଇ ଆଞ୍ଚଳିକ ବିକାଶ ପରିଷଦ ରେଢୁଆ ପକ୍ଷରୁ ଗଣ ସତ୍ୟାଗ୍ରହ ସୋମବାରଠାରୁ ଆରମ୍ଭ ହୋଇଛି। ଏସବୁ ଦାବି ନେଇ ବହୁବାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବାପରେ କୌଣସି ସୁଫଳ ନ ମିଳିବାରୁ ବିକାଶ ପରିଷଦ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ଆବାହକ ସୁରେଶ ଚନ୍ଦ୍ର ରାଉତ ପ୍ରକାଶ କରିଛନ୍ତି। ସେମାନଙ୍କ ଦାବିଗୁଡ଼ିକ ମଧ୍ୟରେ ମୃତନଦୀ ସହ ମାଧପୁର ଓ ହଂସୁଆ ସଫେଇରେ ବର୍ଷାଜଳ ନିଷ୍କାସନର ଚିରସ୍ଥାୟୀ ବ୍ୟବସ୍ଥା, ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ଏବଂ ରବି ଫସଲ ପାଇଁ ଜଳସେଚନର ସୁବିଧା, ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନାମରେ ଆବଶ୍ୟକ ଜମି ଯୋଗାଇଦେବା ସହ ଭିତ୍ତିଭୂମିରେ ଉନ୍ନତି, ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଏବଂ ପର୍ଯ୍ୟାପ୍ତ ଔଷଧ,ଚିକିତ୍ସା ଉପକରଣ ପ୍ରଦାନ କରିବା, ପ୍ରାଣୀ ଚିକିତ୍ସାଳୟ ସ୍ଥାପନ, ରେଢୁଆ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁକ୍ତ ୩ ବିଜ୍ଞାନ ଶ୍ରେଣୀ ଖୋଲାଯିବା, କଲେଜ ଭିତ୍ତିଭୂମିର ବିକାଶ ସହ ଖାଲିପଡ଼ିଥିବା ଅଧ୍ୟାପକ,କର୍ମଚାରୀ ପଦବୀ ପୂରଣ, ଶୀତଳଭଣ୍ଡାର, ଅଞ୍ଚଳରେ ରାସ୍ତାଘାଟ ନିର୍ମାଣ, ଶ୍ମଶାନ ଗୃହ ବ୍ୟବସ୍ଥା, ଜଳସେଚିତ କେନାଲ ସମସ୍ୟା ଓ ମୃତ ନଦୀରେ ମାଛ ଚାଷର ବ୍ୟବସ୍ଥା କରିବା ଆଦି ରହିଛି। ଗତ ଜାନୁଆରୀ ୧୨ ସୁଦ୍ଧା ଉକ୍ତ ଦାବିଗୁଡ଼ିକ ପୂରଣ କରିବା ପାଇଁ ୩୩ ଗୋଟି ବିଭାଗର ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଛି ବୋଲି ସ୍ନେହାନସୁ ଜେନା କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଜାରି ରହିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିରେ ଶିକ୍ଷାବିତ୍ ସଦାଶିବ ବିଶ୍ୱାଳ, ଭଗବାନ ବିଶ୍ୱାଳ, ପ୍ରାଣକୃଷ୍ଣ ନାଏକ, ନିରଞ୍ଜନ ବାରିକ, ସାମାଜିକ କର୍ମୀ ବିଜନ ମହାପାତ୍ର, ବଳରାମ ନାଏକ, ପ୍ରଦୀପ୍ତ କିଶୋର ମହାନ୍ତି, ସୁରେନ୍ଦ୍ରନାଥ ପଣ୍ଡା, ଆଶୁତୋଷ ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ସାମିଲ ହୋଇଛନ୍ତି।

# ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଅଚଳାବସ୍ଥା

ନୟାଗଡ଼,୨୩।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ସଦର ମହକୁମାର ଖଣ୍ଡପଡ଼ା ରୋଡ଼ରେ ଥିବା ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଜିଲା ଶ୍ରମ ଅଧିକାରୀ(ଡିଏଲ୍ଓ)ଙ୍କୁ ମାଡ ମାରିବା ଘଟଣା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଯାଇ ନ ଥିଲା । ଏପରି କି ଶ୍ରମିକ ନେତାମାନଙ୍କ ନାମରେ ଥାନାରେ ଏତଲା ହେବା, ଖଣ୍ଡପଡ଼ାରେ କ୍ୟାମ୍ପ କରାଯାଇ ଶ୍ରମିକ କାର୍ଡ ବଣ୍ଟନ ହେବା ସଂକ୍ରାନ୍ତରେ ବି ଜିଲାପାଳଙ୍କୁ ଜିଲା ଶ୍ରମ ଅଧିକାରୀ ଅବଗତ କରି ନ ଥିବା ସ୍ପଷ୍ଟ ହୋଇଛି । ଏହି ଘଟଣା ଜଣାପଡିବା ପରେ ଜିଲା ଶ୍ରମ ଅଧିକାରୀଙ୍କ ମନମୁଖି କାର୍ଯ୍ୟ ପଦାରେ ପଡିଛି। ଅନେକ ପ୍ରସଙ୍ଗରେ ଜିଲାପାଳଙ୍କୁ ଅନ୍ଧାରରେ ରଖିବାର କାରଣକୁ ଅନୁଧ୍ୟାନ କଲେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଏଭଳି ଘଟଣାକୁ ନେଇ ଜିଲାପାଳ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ୩ ଶ୍ରମିକ ନେତାଙ୍କୁ ଗିରଫ ଦାବି ପରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଏକ ପ୍ରକାର ଅଚଳାବସ୍ଥା ଦେଖା ଦେଇଛି । ଘଟଣାର ପରବର୍ତ୍ତୀ ସମୟରେ ଜିଲା ଶ୍ରମ ଅଧିକାରୀ ଛୁଟିରେ ଯାଇଛନ୍ତି ।

ଅଭିଯୋଗ ଅନୁଯାୟୀ, ଶ୍ରୀକାନ୍ତ ପଟ୍ଟନାୟକ, ବାସୁଦେବ ମହାନ୍ତି ଓ ରଘୁନାଥ ମହାରଣା ପ୍ରମୁଖ ୩ ଶ୍ରମିକ ନେତା ଗତ ୧୮ ତାରିଖରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ସେମାନଙ୍କ ପାଟିତୁଣ୍ଡ ହୋଇଥିଲା । ପରେ ୩ ଶ୍ରମିକ ନେତା ଜିଲା ଶ୍ରମ ଅଧିକାରୀ ଚିତ୍ତ ରଞ୍ଜନ ରାଉତଙ୍କୁ ମାଡ ମାରିଥିଲେ ବୋଲି ଅଭିଯୋଗ ହୋଇଛି। ଜିଲା ଶ୍ରମ ଅଧିକାରୀଙ୍କ ଅଭିଯୋଗ କ୍ରମେ ପୋଲିସ ୩ ଶ୍ରମିକ ନେତାଙ୍କ ସମେତ ଅନ୍ୟ କେତେଜଣଙ୍କ ନାମରେ ମାମଲା(ନଂ. ୨୪/୨୪) ରୁଜୁ କରି ତଦନ୍ତ କରିଥିଲା । ପରେ ଗତ ୧୯ ତାରିଖରେ ୩ ଶ୍ରମିକ ନେତାଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ କୋର୍ଟରୁ ୩ ଶ୍ରମିକ ନେତା ସେହିଦିନ ଜାମିନ ପାଇଥିଲେ। ଗିରଫଦାରିରେ ପୋଲିସର ତରବରିଆ ଗିରଫ ମଧ୍ୟ ସନ୍ଦେହକୁ ଆସିଛି। ପୋଲିସ ଘଟଣାର ତଦନ୍ତ ନ କରି କାହିଁକି ଗିରଫକୁ ଗୁରୁତ୍ୱ ଦେଲା ସେନେଇ ଆଲୋଚନା ଜୋର ଧରିଛି।

**ଡିଏଲ୍ଓଙ୍କୁ ମାଡ଼,୩ ଶ୍ରମିକ ନେତା ଗିରଫ ଘଟଣା**

- ଜିଲାପାଳଙ୍କୁ ନ ଜଣାଇ ଥାନାରେ ଦିଆଯାଇଛି ଏତଲା
- ତଦନ୍ତ ନ କରି ପୋଲିସର ତରବରିଆ ଗିରଫ ଉପରେ ପ୍ରଶ୍ନ

### ପ୍ରତିବାଦ ପରେ ରଦ୍ଦ ହେଲା ୫ ଶ୍ରମିକ କାର୍ଡ

ଜଣେ ଶ୍ରମିକ ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକ ପରି ଦୁଇ ପ୍ରକାରର କାର୍ଡ ପାଇଥିବା ଘଟଣା ଗତ ୧୦ ତାରିଖ ଧରିତ୍ରୀରେ ପ୍ରକାଶ ପାଇବା ପରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ତଦନ୍ତ କରି ୫ଜଣ ଶ୍ରମିକଙ୍କ କାର୍ଡକୁ ରଦ୍ଦ କରାଯାଇଛି । ତେବେ ଅଣ ସଙ୍ଗଠିତ ଶ୍ରମିକମାନଙ୍କ ଅନ୍‌ଲାଇନରେ ଖାତା ଖୋଲା ନ ଯିବା, ପରିଚୟ ପତ୍ର ବାଣ୍ଟିବା ପାଇଁ ଲୁଚାଛପାରେ କ୍ୟାମ୍ପ କରାଯିବା, ଜିଲା ଶ୍ରମ ଅଧିକାରୀ ଲାଞ୍ଚ ନେଇ କାର୍ଡ କରି ଘଟଣାକୁ ଜାଣିଶୁଣି ଲୁଚାଇ ଦିଆଯାଉଛି ବୋଲି ପୁଣି ଅଭିଯୋଗ ଉଠିଛି।

ନୟାଗଡ଼ ଜିଲା ଶ୍ରମ ଅଧିକାରୀ ଲାଞ୍ଚ ନେଇ ଶ୍ରମିକ କାର୍ଡ କରାଉଥିବାର ଅଭିଯୋଗ ଉଠିଥିଲା। ବିନା ଲାଞ୍ଚରେ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଫାଇଲ ଘୁଞ୍ଚୁ ନ ଥିବା ଅନୁରୂପ ଅଭିଯୋଗ ହୋଇଥିଲା। ଜଣେ ଶ୍ରମିକ ନିର୍ମାଣ ଶ୍ରମିକ ଓ ଅଣ ସଙ୍ଗଠିତ ଶ୍ରମିକ କାର୍ଡ ପରି ଦୁଇ ପ୍ରକାରର କାର୍ଡ ପାଇଥିବା ଅଭିଯୋଗ ରହିଥିଲା। ଜିଲା ଶ୍ରମ କାର୍ଯ୍ୟାଳୟରେ ଜାଲିଆତି, ଲାଞ୍ଚ ନେଇ ଶ୍ରମିକ କାର୍ଡ ସମ୍ପର୍କରେ ଜିଲାପାଳ ଓ ରାଜ୍ୟ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ କରାଯାଇଥିଲା । ଏହି ଘଟଣାରେ କେବଳ ୫ଜଣ ଶ୍ରମିକଙ୍କ କାର୍ଡ ରଦ୍ଦ ହୋଇଛି । ଅନ୍ୟ ଅଭିଯୋଗଗୁଡିକ ଶୀତଳଭଣ୍ଡାରକୁ ଚାଲିଯାଇଥିବା ସନ୍ଦେହ ଉଠିଛି । ଅନ୍ୟ ଅଭିଯୋଗକୁ ତଦନ୍ତ କରା ନ ଗଲେ ଶ୍ରମିକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ନୟାଗଡ଼ରେ କେତେଜଣ ଶ୍ରମିକ ନେତା ମଙ୍ଗଳବାର ବୈଠକ କରି ନିଷ୍ପତ୍ତି ନେଇଛନ୍ତି । ଏନେଇ ଜିଲାପାଳ ରବୀନ୍ଦ୍ର ନାଥ ସାହୁ କୁହନ୍ତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ କାର୍ଯ୍ୟାଳୟ ଠିକ୍ ଭାବେ ଚାଲିଥିଲା । ତେବେ ପୁଣି ଅବ୍ୟବସ୍ଥା ଦେଖା ଦେଇଛି । ଜିଲା ଶ୍ରମ ଅଧିକାରୀଙ୍କୁ ମାରପିଟ୍ ଓ ୩ ଶ୍ରମିକ ନେତା ଗିରଫ, ଖଣ୍ଡପଡ଼ାରେ କ୍ୟାମ୍ପ କରାଯାଇ ଶ୍ରମିକମାନଙ୍କୁ କାର୍ଡ ବଣ୍ଟନ କରାଯିବା ନେଇ ମୋତେ ଶ୍ରମ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇନାହିଁ । ଜିଲା ଶ୍ରମ କାର୍ଯ୍ୟାଳୟର ଏଭଳି ନୀତି ଠିକ୍ ନୁହେଁ । ଘଟଣାର ଅନୁଧ୍ୟାନ ଚାଲିଛି ବୋଲି ସେ କହିଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଆଦର୍ଶ


@ ଅନିଲ


@ ଅନ୍ତର୍ଯାମୀ


@ ଦୁର୍ଗାପ୍ରସାଦ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସଙ୍ଗୀତ ଧାରା ଭକ୍ତି ସଙ୍ଗୀତ ପ୍ରତିଯୋଗିତା

ନୟାଗଡ଼,୨୩।୧(ଲୋକନାଥ ମିଶ୍ର)

**ଫାଇନାଲରେ ୧୧ ପ୍ରତିଯୋଗୀ**

ନୟାଗଡ଼ର ସଙ୍ଗୀତଧାରା ପକ୍ଷରୁ ଆୟୋଜିତ ଭକ୍ତି ସଙ୍ଗୀତ ପ୍ରତିଯୋଗିତାର ମଙ୍ଗଳବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ୧୧ ପ୍ରତିଯୋଗୀ ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି । ସେମି ଫାଇନାଲ ମ୍ୟାଚରେ ଜିଲାର ମୋଟ ୮ ବ୍ଲକରେ ଅନୁଷ୍ଠିତ ହୋଇଥିବା ପ୍ରଥମ ପର୍ଯ୍ୟାୟ ପ୍ରତିଯୋଗିତାରୁ ୩୩ ଜଣ ପ୍ରତିଯୋଗୀ ମନୋନୀତ ହୋଇ ଭାଗ ନେଇଥିଲେ ।

ନୟାଗଡ଼ ବ୍ଲକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସେମିଫାଇନାଲ ମ୍ୟାଚରେ ବିଚାରକ ଭାବେ ସୁରଗନ୍ଧର୍ବ ନବକିଶୋର ମିଶ୍ର,ସଙ୍ଗୀତଗୁରୁ ମାଧବ ମହାରଣା ଏବଂ ରବୀନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗଦାନ କରି ପ୍ରୟତାମ୍ବା ରଥ,ଶୁଚିସ୍ମିତା ନନ୍ଦ,ଓମ୍ ପ୍ରକାଶ ପାତ୍ର,ସଙ୍ଗୀତା ପ୍ରଧାନ,ଶ୍ରୀଜଲ ମହାନ୍ତି,ଶୁଚିସ୍ମିତା ଦୋରା,ସ୍ନେହା ପ୍ରିୟଦର୍ଶିନୀ,ସ୍ୱାଗତିକା ପଣ୍ଡା,ରିଙ୍କି ମହାପାତ୍ର,ଅସୀମା ଜେନା ଏବଂ କ୍ରିତିକା ମଣ୍ଡଳ ପ୍ରମୁଖ ୧୧ଜଣ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ସେମି ଫାଇନାଲରେ ଅଂଶ ଗ୍ରହଣ କରିଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଛି ।

କାର୍ଯ୍ୟକ୍ରମରେ ସଙ୍ଗୀତଧାରା ସଭାପତି ନାଟ୍ୟଭୂଷଣ ବିଜୟ କୁମାର ଚୌଧୁରୀ,ମୁଖ୍ୟ ପୃଷ୍ଠପୋଷକ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ,ଉପସଭାପତି ନିର୍ମଳ ଚନ୍ଦ୍ର ଶୂରଦେଓ,ସମ୍ପାଦକ କଣ୍ଠଶିଳ୍ପୀ ପ୍ରଶାନ୍ତ ଦାଶ,ସହ ସମ୍ପାଦକ ବିଜୟାନନ୍ଦ ମହାପାତ୍ର,ସଂଯୋଜକ ଲକ୍ଷ୍ମୀଧର ସାହୁ,ଗୁରୁ ପ୍ରଭାତ ମହାପାତ୍ର,କଣ୍ଠଶିଳ୍ପୀ ଜୟଶ୍ରୀ ଦେବୀ,ଅଶୋକ ମଲ୍ଲ,ଡ.ଆଶୁତୋଷ ମିଶ୍ର,ଗୋପୀନାଥ ସେଠୀ ପ୍ରମୁଖ ସହଯୋଗ କରିଥିଲେ । ଫାଇନାଲରେ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନଗଦ ୧୧ହଜାର ଟଙ୍କା ସହିତ 'ନୟାଗଥଡ଼ ସଙ୍ଗୀତ କଲୋଳ' ଉପାଧି ପ୍ରଦାନ କରାଯିବା ସହିତ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ଯଥାକ୍ରମେ ୫ ହଜାର ଏବଂ ୩ ହଜାର ଟଙ୍କା ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ଦିଆଯାଇଛି ।


ଭକ୍ତି ସଙ୍ଗୀତ ପ୍ରତିଯୋଗିତାରେ ଯୋଗ ଦେଇଥିବା ଛାତ୍ରୀଛାତ୍ର।

# ନେତାଜୀ ଥିଲେ ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ


ନେତାଜୀଙ୍କ ଜୟନ୍ତୀ ଉତ୍ସବରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

ଖଣ୍ଡପଡ଼ା,୨୩।୧
(ଅଜୟ କୁମାର ମହାରଣା)

**ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ**

ମଙ୍ଗଳବାର ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନରେ ବୀର ସୁରେନ୍ଦ୍ର ସାଏଙ୍କ ୨୧୫ ତମ ଜନ୍ମତିଥି ଓ ଆଜାଦ ହିନ୍ଦ୍ ଫୌଜର ମୁଖ୍ୟ ବିନ୍ଧାଣି ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୭ ତମ ଜୟନ୍ତୀ ପାଳନ କରାଯାଇଛି । ଖଣ୍ଡପଡ଼ା ବ୍ଲକ୍ ଅଧୀନ ସରପୋଖରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏ ଉପଲକ୍ଷେ ପ୍ରଧାନ ଶିକ୍ଷକ ମଧୁସୂଦନ ମୋହନସିଂହଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଉଭୟ ମହାପୁରୁଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସେମାନଙ୍କ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ସିଦ୍ଧାର୍ଥ କୁମାର ମହାପାତ୍ର ଉଭୟ ଯୋଗଜନ୍ମା ଜୀବନର ଅନାଲୋଚିତ ଘଟଣା ସମ୍ପର୍କର ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ । ଛାତ୍ରୀ କସ୍ତୁରୀ ସ୍ୱାଇଁ, ରାଜଲକ୍ଷ୍ମୀ ପ୍ରଧାନ, ଚିନ୍ମୟୀ ସ୍ୱାଇଁ ପ୍ରମୁଖ ବରପୁତ୍ରମାନଙ୍କ ଜୀବନୀ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ। କଣ୍ଟିଲୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ କାଶୀନାଥ ମହାରଣା ଉଦ୍‌ବୋଧ ଦେଇଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଶତାବ୍ଦୀର ମହାନାୟକ, ରାଷ୍ଟ୍ର ବିପ୍ଳବର ଜାଗ୍ରତ ପ୍ରହରୀ, ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ବୋଲି କହିଥିଲେ । ଖଣ୍ଡପଡା ସହରାଞ୍ଚଳସ୍ଥିତ ରାମଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ମନ୍ଦିର, ଚନ୍ଦ୍ରଶେଖର ଆଶ୍ରମ ବିଦ୍ୟାଳୟ ସମେତ କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ପଠାଣି ସାମନ୍ତ ଶିକ୍ଷା କେନ୍ଦ୍ର, ସିଧାମୂଳା ଗୋକୁଳାନନ୍ଦ ଜୀଉ ବିଦ୍ୟାମନ୍ଦିର ସହିତ ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ ଅନୁଷ୍ଠାନ ଓ ଶିକ୍ଷାନୁଷ୍ଠାନ ପରିସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ କରାଯାଇଥିଲା ।

# ବାଲିଘାଟ ଗାତରେ ପଡ଼ି ନାବାଳକ ମୃତ

ନୟାଗଡ଼/ଓଡ଼ଗାଁ,୨୩।୧(ଲୋକନାଥ ମିଶ୍ର / ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ଗୌଡପୁଟର ଦୁଆଣ୍ଟ ବାଲିଘାଟର ଏକ ଗାତରେ ପଡି ପାଣିରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସାଇରାମ ପାତ୍ର(୧୦)। ଘର ଗୌଡପୁଟ ଗୋଲାସାହିରେ। ପରିବାର ଲୋକେ ଗୁରୁତର ଅବସ୍ଥାରେ ସାଇରାମଙ୍କୁ ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥାରେ ଉନ୍ନତି ନ ଆସିବାରୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସାଇରାମଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖା ଯାଇଛି । ବୁଧବାର ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ । ପ୍ରାପ୍ତ ସୂଚନା ଅନୁସାରେ ଗୌଡପୁଟ ଦୁଆଣ୍ଟ ନଦୀରୁ ବାଲି ଚୋରା ଚାଲାଣ ହୋଇ ଆସୁଛି । ବାଲି ଚୋରମାନେ ବାଲି ନେଇ ନେଇ ବାଲିଘାଟକୁ ଖାଲୁଆ କରି ରଖିଛନ୍ତି । ବାଲିଘାଟରେ ମଙ୍ଗଳବାର ଅପରାହ୍ନରେ କେତେଜଣ ପିଲା ଖେଳୁଥିଲେ। ତେବେ ୨ ଜଣ ନାବାଳକ ବାଲିଘାଟ ଖାଲରେ ପଡି ପାଣିରେ ବୁଡି ଯାଇଥିଲେ। ଏ ଖବର ଜଣାପଡିବା ପରେ ଗୋଲାସାହିର ଲୋକମାନେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରିଥିଲେ । ପ୍ରଥମେ ଉଦ୍ଧାର ହୋଇଥିବା ନାବାଳକ ସୁସ୍ଥ ଅଛନ୍ତି। ଦ୍ୱିତୀୟରେ ଉଦ୍ଧାର ହୋଇଥିବା ଲଡ୍ଡୁ କେଶ୍ୱର ପାତ୍ରଙ୍କ ପୁଅ ସଇରାମ ଗୁରୁତର ହୋଇଥିଲେ ।

# ୪୯ବର୍ଷ ପରେ ଏକାଠି ହେଲେ ସହପାଠୀ

ଓଡ଼ଗାଁ,୨୩।୧
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକର ପର୍ଯ୍ୟଟନସ୍ଥଳୀ ତଥା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ବୁଢ଼ାବୁଢିଆଣୀ ଡ୍ୟାମ ଡାକବଙ୍ଗଳାରେ ମଙ୍ଗଳବାର କୁରାଳ ହାଇସ୍କୁଲ ୧୯୭୫ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ୪୯ ବର୍ଷ ପରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ୯୦ ବର୍ଷ ଅତିକ୍ରମ କରିଥିବା ଶିକ୍ଷକ ଗୌରଚନ୍ଦ୍ର ସାହୁ ଓ ଶ୍ୟାମସୁନ୍ଦର ଚୌଧୁରୀ ଯୋଗଦେଇ ଭଲପାଅ,ଭଲକଥା କୁହ ଏବଂ ଭଲ କାମକରି ଅନ୍ୟମାନଙ୍କ ପ୍ରଶଂସାର ପାତ୍ର ହୁଅ ବୋଲି କହିଥିଲେ । ମା'ବାପାଙ୍କ ସେବାକଲେ ଈଶ୍ୱର ତୁମର ମଙ୍ଗଳ କରିବେ ବୋଲି କହି ଛାତ୍ରମାନଙ୍କୁ ଆଶୀର୍ବାଦ କରିଥିଲେ। ସାଥି ମାନେ ହଜିଯାଇଥିବା ଦିନ ଓ ବିତିଯାଇଥିବା ସ୍ମୃତିକୁ ସାଉଁଟିବା ସହ କିଛି ସମୟ ପାଇଁ ବନ୍ଧୁମାନେ ସେମାନଙ୍କ ଅତୀତକୁ ଚାଲିଯାଇଥିଲେ। ବିଶେଷକରି ସାଙ୍ଗମାନେ ଗୁରୁଜୀଙ୍କୁ ପାଖରେ ପାଇ ସମସ୍ତେ ଆତ୍ମବିଭୋର ହୋଇଥିଲେ । ଉକ୍ତ ବନ୍ଧୁ ମିଳନର ମୂଖ୍ୟ ଆୟୋଜକ ରାଜ୍ୟର ବିଶିଷ୍ଟ ଶିଳ୍ପପତି କୃଷ୍ଣଚନ୍ଦ୍ର ପାତ୍ର ଗୁରୁଜୀଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରିଥିଲେ। ବନ୍ଧୁ ରାମେଶ୍ୱର ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଭାଗିରଥୀ କର,କୃଷ୍ଣଚନ୍ଦ୍ର ଚୌଧୁରୀ,ରଘୁନାଥ ନାୟକ, ରାମ ଚନ୍ଦ୍ର ସାହୁ,ବ୍ରଜବନ୍ଧୁ ବଳିୟାର ସିଂ,ରାଜୁ ଚୌଧୁରୀ,ସୁଦର୍ଶନ ପ୍ରଧାନ, ଦେବେନ୍ଦ୍ର ପ୍ରଧାନ,ରବି ପରିଡ଼ା ପ୍ରମୁଖ ସହଯୋଗ କରିଥିଲେ। ଉକ୍ତ ବନ୍ଧୁମିଳନ ଉତ୍ସବରେ ପ୍ରାୟ ୨୫ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇ ବଣଭୋଜିର ମଜା ଉଠାଇଥିଲେ ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ପୁରାତନ ଛାତ୍ର।

# ସ୍ୱଚ୍ଛତା,ସ୍ଥାୟିତ୍ୱ ନେଇ ସନ୍ଦେହ

ନୟାଗଡ଼,୨୩।୧(ଲୋକନାଥ ମିଶ୍ର)

- ହରିପୁର ୫-ଟି ସ୍କୁଲ ନିର୍ମାଣରେ ଅନିୟମିତତା
- ଶୌଚାଳୟ, ପରିସ୍ରାଗାର ଅଧାପନ୍ତରିଆ

ନୟାଗଡ଼ ଜିଲା ଓଡଗାଁ ବ୍ଲକ ଡିମଶର ପଞ୍ଚାୟତର ହରିପୁର ରଘୁ କୁନ୍ତଳା ବିଦ୍ୟାପୀଠର ନିର୍ମାଣ କାର୍ଯ୍ୟର ସ୍ୱଚ୍ଛତା ଓ ସ୍ଥାୟତ୍ୱ ପରେ ଉଠିଛି ପ୍ରଶ୍ନ। ଏହି ବିଦ୍ୟାପୀଠରେ ନବମରୁ ଦଶମ ୨ଟି ଶ୍ରେଣୀ ରହିଛି। ସ୍କୁଲଟି ଚତୁର୍ଥ ପର୍ଯ୍ୟାୟରେ ୫–ଟିରେ ସାମିଲ ହୋଇଛି। ବୁଧବାର ବିଦ୍ୟାପୀଠର ଉଦଘାଟନ କରାଯିବ। ଉଦ୍‌ଘାଟନ ପୂର୍ବରୁ ସ୍କୁଲର ନାମଫଳକ ନାହିଁ। ରାତି ଅଧରେ ତିଆରି ହେବା ପାଇଁ ନିଷ୍ପତ୍ତି ହୋଇଛି । ସ୍କୁଲ ଉଦ୍‌ଘାଟନ ବେଳକୁ ନାମଫଳକ ଥିବ ବୋଲି ଆଶ୍ୱସନା ଦିଆଯାଇଛି। ଅନ୍ୟପକ୍ଷେ ଏଯାବତ ସ୍କୁଲର ପ୍ରାଚୀର ନିର୍ମାଣ ହୋଇନି । ପୁଣି ଫାଟକ ନାହିଁ।

ଶୌଚାଳୟ, ପରିସ୍ରାଗାର କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡି ରହିଛି। ସ୍କୁଲର ବିଭିନ୍ନ କାନ୍ଥକୁ ତରବରିଆ ଭାବେ ପଲସ୍ତରା କରାଯାଉଛି । ଭଲ ସିମେଣ୍ଟ ବ୍ୟବହାର ହେଉ ନ ଥିବାବେଳେ ହାତ ମାରିଲେ ପଲସ୍ତରା ଖସି ଯାଉଛି ବୋଲି ଅଭିଯୋଗ ହୋଇଛି । ପଲସ୍ତରା ୫ରୁ ୬ ଘଣ୍ଟା ପରେ ତରବରିଆ ଭାବେ ରଙ୍ଗ କରାଯାଉଛି । ସେହିଭଳି ସ୍ମାର୍ଟ କ୍ଲାସ ରୁମରେ ଡେକ୍ସ ଟେବୁଲ ପକାଯାଇନି । ସ୍ମାର୍ଟ ବୋର୍ଡ ଲାଗିନି । ସ୍ମାର୍ଟ କ୍ଲାସକୁ ବିଦ୍ୟୁତ୍ ସଂଯୋଗ ନାହିଁ । ଏପରି ନାନା ଅବ୍ୟବସ୍ଥା ଓ ନିର୍ମାଣ କାର୍ଯ୍ୟ ଅଧାନ୍ତରିଆ ହୋଇ ରହିଥିବା ସ୍କୁଲର ଉଦ୍‌ଘାଟନ ୨୪ରେ ହେଉଥିବାରୁ ସମାଲୋଚନା କରାଯାଉଛି।

# ନୀଳମାଧବଙ୍କ ଦେବାଭିଷେକ ପାଇଁ ନୀତି ନିର୍ଘଣ୍ଟ

ଖଣ୍ଡପଡ଼ା,୨୩।୧
(ଅଜୟ କୁମାର ମହାରଣା)



ଜଗନ୍ନାଥ ସଂସ୍କୃତିର ଆଦି ଦେବତା କଣ୍ଟିଲୋର ଶ୍ରୀନୀଳମାଧବଜୀଉଙ୍କ ଦେବାଭିଷେକ ତଥା ସୁନାବେଶ ଆସନ୍ତା ୨୫ ତାରିଖ ଗୁରୁବାର ପୌଷପୂର୍ଣ୍ଣମୀ ତିଥିରେ ପାରମ୍ପରିକ ରୀତିରେ ପାଳିତ ହେବ । ଏଥିପାଇଁ ମନ୍ଦିର କର୍ତ୍ତୃପକ୍ଷ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିଛନ୍ତି । ଆସନ୍ତା ବୁଧବାର ସନ୍ଧ୍ୟା ୬ଟା ୧୫ ମିନିଟରେ ସନ୍ଧ୍ୟା ଆଳତି, ଅଧିବାସ କାର୍ଯ୍ୟ ଆରମ୍ଭ ସନ୍ଧ୍ୟା ସାଢେ ୬ଟା, ଧୂପ ୬ଟା ୪୫ରେ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ବଡ ସିଂହାର ରାତ୍ର ୯ଟାରେ ହେବାପରେ ଠାକୁରଙ୍କ ଅଧିବାସ କାର୍ଯ୍ୟ ପାରମ୍ପରିକ ରୀତିରେ ସମ୍ପନ୍ନ କରାଯିବ । ଆସନ୍ତା ୨୫ ତାରିଖ ପୌଷ ପୂର୍ଣ୍ଣମୀ ତିଥିରେ ସକାଳ ୫ଟାରେ ପହଡ ଖୋଲାଯାଇ ସକାଳ ୫ଟା ୧୫ରେ ମଙ୍ଗଳ ଆଳତି, ସ୍ନାନ ଅବକାଶ ଓ ରୋଷ ହୋମ ସମ୍ପନ୍ନହେବ । ସୂର୍ଯ୍ୟ ପୂଜା ୬ଟା, ଦ୍ୱାରପାଳ ପୂଜା ୬ଟା ୧୫ମି,ବଲ୍ଲଭ ୬ଟା ୩୦ମି, ସକାଳ ଧୂପ ୭ଟା, ପୂର୍ଣ୍ଣାହୁତି ସକାଳ ୮ଟା, ମହାସ୍ନାନ ଓ ବେଶ ଆରମ୍ଭ ସକାଳ ସାଢେ ୯ଟାରେ ହେବ । ଶ୍ରୀ ଜୀଉଙ୍କ ଶୋଭାଯାତ୍ରା ଓ ମା'ମହାଲକ୍ଷ୍ମୀ ବିଜେ ପୂର୍ବାହ୍ନ ୧୧ଟା, ଦ୍ୱିପ୍ରହର ଧୂପ ସାଢେ ୧୧ଟା, ସାହାଣମେଲା ୧୨ଟା, ସନ୍ଧ୍ୟା ଆଳତି ସାଢେ ୬ଟା, ସନ୍ଧ୍ୟା ଧୂପ ସନ୍ଧ୍ୟା ୭ଘ ୩୦ମି, ବେଶ ଉଲାଗି ସାଢେ ୮ଟା, ରାତ୍ର ଧୂପ, ବଡ ସିଂହାର ଓ ପହଡ ରାତ୍ର ୯ଟା ସମୟରେ ସମ୍ପନ୍ନ ହେବ ବୋଲି ଦେବୋତ୍ତର କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି । ମା' ଲକ୍ଷ୍ମୀଙ୍କ ଉପସ୍ଥିତିରେ ଶ୍ରୀଜୀଉଙ୍କ ସୁନାବେଶ ସମ୍ପନ୍ନ ହୋଇ ସାଢେ ୧୨ଟାରେ ସାହାଣ ମେଲାରେ ଶ୍ରୀଜୀଉ ସୁନାବେଶରେ ସର୍ବସାଧାରଣଙ୍କୁ ଦର୍ଶନ ଦେବାସହ ରାତି ୯ଟା ପର୍ଯ୍ୟନ୍ତ ସାହାଣ ମେଲା ରହିବ । ଏହି ଅବସରରେ ଶ୍ରୀ ନୀଳମାଧବ ପୂଜକ ସମାଜ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

# ମହିଳାଙ୍କ ଆତ୍ମହତ୍ୟା

ନୟାଗଡ଼,୨୩।୧(ଲୋକନାଥ ମିଶ୍ର)

ଶରଣକୁଳ ଥାନା ମଇଁଷୀଗୋଠପଲ୍ଲୀ ଗାଁର ବିଷ୍ଣୁପ୍ରିୟା ମହାପାତ୍ର(୨୦) ଆତ୍ମହତ୍ୟା କରିଛନ୍ତି। ପରିବାର ଲୋକେ ବିଷ୍ଣୁପ୍ରିୟାଙ୍କୁ ଗୁରୁତର ଭାବେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶରଣକୁଳ ଥାନା ଆଇଆଇସି ପୁଷ୍ପଲତା ବେହେରାଙ୍କ ସୂଚନା ଅନୁସାରେ ବିଷ୍ଣୁପ୍ରିୟା ଗଳାରେ ଦଉଡ଼ି ବାନ୍ଧି ଆତ୍ମହତ୍ୟା କରିଛନ୍ତି । ଏନେଇ ଏକ ଅପମୃତ୍ୟୁ ମାମଲା(ନଂ.୨୩/୨୪) ରୁଜୁ କରାଯାଇ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ଶାଶୁଘର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ମୃତ୍ୟୁର କାରଣ ଜଣାପଡି ନାହିଁ ।

## ଆଜି କ'ଣ କେଉଁଠି

**ଯାଜପୁର**

- ଜାତୀୟ ଶିଶୁ କନ୍ୟା ଦିବସ-୨୦୨୪ ସଚେତନତା ରାଲି। ସ୍ଥାନ-ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରୁ ବାହାରିବ, ସମୟ ସକାଳ ସାଢେ ୯ଟା।
- ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ। ସ୍ଥାନ-ରୁଢ଼ିଆ ଜଳସେଚନ କାର୍ଯ୍ୟାଳୟ। ସମୟ-ପୂର୍ବାହ୍ନ ସାଢେ ୧୦ଟା।
- କେମ୍ବ୍ରିଜ ବ୍ରାଇଟ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ । ସ୍ଥାନ-ବ୍ୟାସନଗର ସଂସ୍କୃତି ଭବନ। ସମୟ : ଅପରାହ୍ନ ସାଢେ ୩ଟା।

## ଆମେ ବି ସକ୍ଷମ ସଙ୍ଗଠନ ପ୍ରତିଷ୍ଠା

ଧର୍ମଶାଳା,୨୩।୧ (ବଟକୃଷ୍ଣ ପରିଡ଼ା): ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ଜାରକାଠାରେ ଧର୍ମଶାଳା ଅଞ୍ଚଳର ଶାରୀରିକ ଓ ମାନସିକ ଭିନ୍ନକ୍ଷମମାନଙ୍କୁ ନେଇ ଆମେବି ସକ୍ଷମ ନାମରେ ଏକ ସଂଗଠନ ପ୍ରତିଷ୍ଠା କରାଯାଇଛି। ଏହି ପରିପ୍ରେକ୍ଷୀରେ ଜାରକା ତ୍ରିନାଥେଶ୍ୱର ମନ୍ଦିର ପରିସରରେ ଡ. କୈବଲ୍ୟ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ କାହ୍ନୁଚରଣ ଦାଶ ଯୋଗଦେଇ ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ସରୋଜ ସାହୁ, ଦେବରାଜ ନାୟକ, ପ୍ରଶାନ୍ତ ବେହେରା, ଖବରଦାତା ଅଖିଳ ସ୍ୱାଇଁ ଓ ଉପେନ୍ଦ୍ର ରାଓ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ପଞ୍ଚାୟତରୁ ବହୁ ଭିନ୍ନକ୍ଷମ ବ୍ୟକ୍ତି ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କ ହିତ ପାଇଁ ଏହି ସଙ୍ଗଠନ କାମ କରିବ ବୋଲି ସଭାପତି ମହାପାତ୍ର ସୂଚନା ଦେଇଥିଲେ।

## ନେତାଜୀ ଜୟନ୍ତୀରେ ରକ୍ତଦାନ

ଯାଜପୁର ଟାଉନ,୨୩।୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ବୀର ସୁରେନ୍ଦ୍ର ସାଏ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ମଙ୍ଗଳବାର ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ବିଡିଓ ସୌରଭ ଚକ୍ରବର୍ତ୍ତୀ ଏବଂ ଅଶୋକ ଦାସ ଫାଉଣ୍ଡେଶନ ସଭାପତି ସବ୍ୟସାଚୀ ମହାପାତ୍ର ଯୋଗଦେଇ ଶିବିରକୁ ଶୁଭାରମ୍ଭ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଅତିଥିମାନେ ଛାତ୍ରୀଛାତ୍ରମାନଙ୍କୁ ବିଭନ୍ନ ବିଭାଗରେ ସଫଳତା ପାଇଁ ପୁରସ୍କୃତ କରିଥିଲେ। ଶିବିରରେ ଅଭିଭାବକ, ଶିକ୍ଷୟିତ୍ରୀଶିକ୍ଷକ ଓ ଅନ୍ୟାନ୍ୟ କର୍ମଚାରୀ ରକ୍ତଦାନ କରିଥିଲେ। ଶିବିରକୁ ଅଶୋକ ଦାସ ଫାଉଣ୍ଡେଶନର କର୍ମକର୍ତ୍ତା ଏବଂ ଜିଲା ମୁଖ୍ୟଚିକିତ୍ସାଳୟର ସ୍ୱାସ୍ଥ୍ୟକର୍ମୀ ସମ୍ପାଦନ କରିଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷକ, ପରିଚାଳନା କମିଟି ସଦସ୍ୟା ଶୁଭ୍ରା ମଲ୍ଲିକା ଦ୍ୱିବେଦୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଚାଷୀଙ୍କ କାମରେ ଲାଗୁନି ଚେକ୍‌ଡ୍ୟାମ୍

**ଯାଜପୁର ଏମ୍‌ଆଇପି ଡିଭିଜନ**

■ ମରାମତି ଅର୍ଥ ବାଟମାରଣା ଅଭିଯୋଗ

ଯାଜପୁର/କୋରେଇ (ହର୍ଷବର୍ଦ୍ଧନ ବେହେରା/ଚନ୍ଦ୍ରକାନ୍ତ ପତି),୨୩।୧



କୋରେଇ ବ୍ଲକ ଗୋଦରାପାଳ ଚେକ୍‌ଡ୍ୟାମ୍ ନିର୍ମାଣ ଚାଲିଛି।

ବର୍ଷାର ଅନିୟମିତତା ଯୋଗୁ ରାଜ୍ୟରେ ଦେଖାଦେଉଥିବା କୃଷି ସମସ୍ୟାର ସମାଧାନ ପାଇଁ ସରକାର କ୍ଷୁଦ୍ର ଜଳସେଚନ ପ୍ରକଳ୍ପ(ଏମ୍‌ଆଇପି) କାର୍ଯ୍ୟକାରୀ କରୁଛନ୍ତି। ଅଣ ଜଳସେଚିତ ଅଞ୍ଚଳରେ ଆବଶ୍ୟକ ବର୍ଷାର ଅଭାବ ଯୋଗୁ କୃଷକର ମେରୁଦଣ୍ଡ ଦୋହଲି ଯାଉଛି। ଏହାକୁ ପ୍ରତିହତ କରିବାକୁ ରାଜ୍ୟ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ ବିପୁଳ କୋଟି ଟଙ୍କାର ଅନୁଦାନ ଦେଇଚାଲିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଓ ଦୁର୍ନୀତିଖୋର ମନୋଭାବ ସାଙ୍ଗକୁ ତଦାରଖ ଦାୟିତ୍ୱରେ ଥିବା ଉଚ୍ଚକର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଜନାର ସଫଳତାରେ ପ୍ରତିବନ୍ଧକ ସୃଷ୍ଟି କରିଛି। ଯାଜପୁର ଜିଲାର କୋରେଇ ବ୍ଲକରେ ନିର୍ମାଣ ଓ ମରାମତି ହେଉଥିବା ଚେକ୍‌ଡ୍ୟାମଗୁଡ଼ିକୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଏହିସବୁ ଚେକ୍‌ଡ୍ୟାମ ନିର୍ମାଣ ଓ ମରାମତି କାର୍ଯ୍ୟରେ ଲକ୍ଷାଧିକ ଟଙ୍କାର ଦୁର୍ନୀତି ହୋଇଥିବା ଅଭିଯୋଗ ହେଉଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ କୋରେଇ ବ୍ଲକ ଅଧୀନରେ ଗତ ୫ ବର୍ଷ ମଧ୍ୟରେ ଏମ୍‌ଆଇପିଗୁଡ଼ିକର ମରାମତି ନିମନ୍ତେ ପ୍ରାୟ ୪.୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହୋଇଛି। କୋଲାର ଚେକ୍‌ଡ୍ୟାମ ମରାମତିରେ ୧.୧୩ ଲକ୍ଷ ଏବଂ ଅନ୍ଧାରୀ ଚେକ୍‌ଡ୍ୟାମ ୨ଥର ମରାମତି ନାମରେ ୪.୪୪ ଲକ୍ଷ, ତାଜପୁର ଚେକ୍‌ଡ୍ୟାମ ୨ଥର ମରାମତିରେ ୩.୧୧ ଲକ୍ଷ, ଜହ୍ନା ଏମ୍‌ଆଇପି ମରାମତି ଏବଂ ଫେବ୍ରିକେଶନ କାର୍ଯ୍ୟରେ ୯.୩୮ ଲକ୍ଷ, ବଡବନ୍ଧ ଉନ୍ନତୀକରଣ ଏବଂ ମରାମତି ପାଇଁ ୩ ଥରରେ ୨୩.୪୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ୨୦୨୨ରେ ପଛିକୋଟ ପଞ୍ଚାୟତର ଆଇଚିପୁର ଏବଂ ଗୋଦରାପାଳ ଗ୍ରାମରେ ୨ ନୂଆ ଚେକଡ୍ୟାମ ନିର୍ମାଣରେ ୧.୧୬ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ପୂର୍ବରୁ ତଳଗଡ଼ ପଞ୍ଚାୟତର (ବନ୍ଦୀ) ଭଙ୍ଗାବନ୍ଧ ଏମ୍‌ଆଇପି ନିର୍ମାଣରେ ପାଖାପାଖି ୮୦ ଲକ୍ଷ ଟଙ୍କା ଓ ତୁଳତୀ ଏମ୍‌ଆଇପିରେ ୫୮ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ବିଡମ୍ବନା ଯେ, ଉପରୋକ୍ତ ଅର୍ଥରେ ନିର୍ମାଣ ଓ ମରାମତି ହୋଇଥିବା ଚେକ୍‌ଡ୍ୟାମଗୁଡ଼ିକର ପାଣି ସ୍ଥାନୀୟ ଚାଷୀଙ୍କ ଜମିକୁ ଜଳସେଚନ ପାଇଁ ଉପଯୋଗୀ ହୋଇପାରୁ ନାହିଁ। ସାଧାରଣରେ ଅଭିଯୋଗ ହେଉଛି, ସୁବିଧା ସୁଯୋଗ ଦେଖି ଅଧିକାରୀମାନେ ଚେକ୍‌ଡ୍ୟାମଗୁଡ଼ିକର ଅନାବଶ୍ୟକ ମରାମତି ଦର୍ଶାଇ ଠିକାଦାରଙ୍କୁ ପୋଷିବା ସାର ହେଉଛି। ଏହିକ୍ରମରେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାର ମିଳିମିଶି ବିପୁଳ ସରକାରୀ ଅର୍ଥ ହେରଫେର କରୁଥିବା ଅଭିଯୋଗ ହେଉଛି। ଏମ୍‌ଆଇପି ନିର୍ମାଣ ବା ମରାମତି ସମୟରେ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ କିମ୍ୱା ବିଭାଗୀୟ କୌଣସି ବରିଷ୍ଠ ଅଧିକାରୀ ପରିଦର୍ଶନ ନ କରି ପ୍ରକଳ୍ପର ଯୋଜନା କରୁଛନ୍ତି। ଫଳରେ ପ୍ରକଳ୍ପଗୁଡ଼ିକ ଚାଷୀଙ୍କ କାମରେ ଲାଗିପାରୁନାହିଁ। ଏଭଳିଭାବେ ଉକ୍ତ ପ୍ରକଳ୍ପଗୁଡ଼ିକର ଅବସ୍ଥା ଯଥା ପୂର୍ବଂ ତଥା ପର ଭାବେ ପରିଗଣିତ ହୋଇଛି। ଖରିଫ ଋତୁରେ ମରୁଡି ଦାଉରୁ ରକ୍ଷା ପାଇବା ପାଇଁ ଆଶା କରୁଥିବା ଚାଷୀ ନିରାଶ ହେଉଛନ୍ତି। କେବଳ କାଗଜପତ୍ରରେ ଜଳସେଚିତ ଜମିର ପରିମାଣ ଦର୍ଶାଯାଇ ବାହୁସ୍ଫୋଟ ମାରୁଛନ୍ତି। ଏ ସଂକ୍ରାନ୍ତରେ ଯାଜପୁର ଏମ୍‌ଆଇପି ଡିଭିଜନର ନିର୍ବାହୀ ଯନ୍ତ୍ରୀ ସଞ୍ଜୟ କୁମାର ବେହେରାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ସୋମବାର ସନ୍ଧ୍ୟାରେ ଏକାଧିକ ଥର ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନଥିଲେ। ହେଉଥିବା ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଯିବାକୁ ଚାଷୀ ମହଲରେ ଦାବି ହେଉଛି।

## ଥାନାରେ ନାହାନ୍ତି ଆଇଆଇସି

ବ୍ରହ୍ମବରଦା,୨୩।୧ (ଯଯାତି କେଶରୀ ବେହେରା):




ବ୍ରହ୍ମବରଦା ଥାନା ଆଇଆଇସି ଶରତ ନାୟକଙ୍କ ବଦଳିକୁ ପାଖାପାଖି ୪ ମାସ ବିତିଗଲାଣି। ହେଲେ ଏ ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ କେହି ଆଇଆଇସି ଯୋଗଦେଇନାହାନ୍ତି। ଫଳରେ ଏଠାରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଲୋକେ ବିଭିନ୍ନ କାମରେ ଆସି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଥାନାରେ ଆବଶ୍ୟକ କର୍ମଚାରୀ ଓ ଗୃହ ମଧ୍ୟ ନାହିଁ। ତେଣୁ ପ୍ରଶାସନ ଏଠାରେ ତୁରନ୍ତ ଆଇଆଇସି ନିଯୁକ୍ତି କରିବା ସହ ଅନ୍ୟ ସମସ୍ୟାଗୁଡ଼ିକର ସମାଧାନ କରିବାକୁ ସାଧାରଣରେ ଦାବି ହୋଇଛି।

୯ ଜାନୁୟାରୀ ୨୦୨୩ରେ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମାଧ୍ୟମରେ ଏହି ଥାନାକୁ ଉଦ୍‌ଘାଟନ କରିଥିଲେ। ଫଳରେ ବ୍ରହ୍ମବରଦା ସମେତ ନୂଆକରି ଥାନା ସହ ଯୋଡ଼ିହୋଇଥିବା ୧୦ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଥିଲା। ସେତେବେଳେ ଫାଣ୍ଡି ଅଫିସର ଥିବା ଏସ୍.ଦାସରଥି ପାତ୍ର ଆଇଆଇସି ଦାୟିତ୍ୱ ଗ୍ରହଣ କରିଥିଲେ। ତାଙ୍କୁ ଅନ୍ୟତ୍ର ବଦଳି କରାଯିବା ପରେ ଥାନାରେ ପ୍ରଥମ କରି ଆଇଆଇସିଭାବେ ଶ୍ରବଣ କୁମାର ମହାରଣାଙ୍କୁ ନିଯୁକ୍ତି ଦିଆଯାଇଥିଲା। ହେଲେ ସେ ଯୋଗ ଦେବାପୂର୍ବରୁ ତାଙ୍କୁ ପୁଣି ଅନ୍ୟତ୍ର ବଦଳି କରାଯାଇ ତାଙ୍କ ସ୍ଥାନରେ ନାୟକଙ୍କୁ ସେପ୍ଟେମ୍ବର ୧୧ରେ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କ ନିଯୁକ୍ତିକୁ ୨ ମାସ ନ ପୂରୁଣୁ ତାଙ୍କୁ ବୈରୀ ଥାନାକୁ ବଦଳି କରାଯାଇଥିଲା। ଏପରି ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଦିନକୁ ଦିନ ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିଗିଡ଼ିବାରେ ଲାଗିଛି। ଏଠାରେ ଥାନା ହେବାପରେ ଅଞ୍ଚଳରେ ଚୋରାମଦ କାରବାର, ରାହାଜାନି, ଗଞ୍ଜେଇ କାରବାର, ଜୁଆ ଆଡ୍ଡାସ୍ଥଳ, ଗୋଚାଲାଣ ଏବଂ ବେଆଇନ ବାଲି ଘାଟ ବନ୍ଦ ହେବ ବୋଲି ବୁଦ୍ଧିଜୀବୀ ଆଶାବାଦୀ ଥିଲେ। ହେଲେ ତାହା ହୋଇ ପାରିଲା ନାହିଁ। ଦିନକୁ ଦିନ ଏସବୁ ବଢ଼ିଚାଲିଛି। ଥାନାରେ କର୍ମଚାରୀ ଅଭାବରୁ ରାତ୍ରି ପାଟ୍ରୋଲିଂ ଠିକ୍‌ରେ ହୋଇପାରୁନାହିଁ। ଥାନାକୁ ପ୍ରତିଦିନ ଫୌଜଦାରି ମାମଲା ଆସୁଛି। ବର୍ତ୍ତମାନ ଥାନାର ଦାୟିତ୍ୱ ଭାର ଏସ୍‌ଆଇ ବିଭୂତି ଭୂଷଣ ମହାପାତ୍ର ସମ୍ଭାଳୁଛନ୍ତି। ମାତ୍ର ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ଥାନା କର୍ମଚାରୀ ଅନେକ ସମୟରେ ଚାପଗ୍ରସ୍ତ ରହୁଥିବା ଦେଖିବାକୁ ମିଳିଛି।

# ଅଲ୍ ଓଡ଼ିଶା ଫିଲୋସଫି କଂଗ୍ରେସ ସମାରୋହ




ସମାରୋହରେ ଯୋଗଦେଇଥିବା ଅତିଥି।

ଯାଜପୁର ଟାଉନ,୨୩।୧ (ପ୍ରଯୁକ୍ତା ପ୍ରିୟଦର୍ଶନୀ ମହାନ୍ତି):

ଯାଜପୁର ଏନ୍‌ସି କଲେଜ୍‌ରେ ୩୬ତମ ଅଲ୍ ଓଡ଼ିଶା ଫିଲୋସଫି କଂଗ୍ରେସ ବାର୍ଷିକ ସମାରୋହ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ୨ଦିନ ବ୍ୟାପୀ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥିଭାବେ ପ୍ରଫେସର ହରପ୍ରସାଦ ଦାସ ଯୋଗଦେଇଥିଲେ। ସଂଗଠନ ସଭାପତି ବିଜୟାନନ୍ଦ କର, ସାଧାରଣ ସଭାପତି ନିଳମଣୀ ସାହୁଙ୍କ ନେତୃତ୍ୱରେ ସୁଶାନ୍ତ କୁମାର ଦାସ, ଏଡିଟର ମୋଇନ୍ ମହମ୍ମଦ, କୋଷାଧ୍ୟକ୍ଷ ବସନ୍ତ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ସଚିନ୍ଦ୍ରନାଥ ରାଉଳ ବାର୍ଷିକବିବରଣୀ ପାଠ କରିଥିବାବେଳେ ସଂଗଠନ ସମ୍ପାଦକ ଗୌରାଙ୍ଗ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ।

ଏହି ଅବସରରେ ସଂଗଠନ ଦ୍ୱାରା ପରିଚାଳନା କରାଯାଇଥିବା ରଚନା, ବକ୍ତୃତାରେ 'ରତ୍ନାକର ପତି ମେମୋରିଆଲ', 'ଗଣେଶ୍ୱର ମିଶ୍ର ମେମୋରିଆଲ'' ଓ 'କୃଷ୍ଣପ୍ରସାଦ ମିଶ୍ର ମେମୋରିଆଲ' ସମ୍ମାନରେ କୃତୀ ଛତ୍ରୀଛାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଓଡ଼ିଶାର ବିଚାରଧାରା ସୁଦୁର ବାଲି, ସୁମିତ୍ରା, ଜାଭା ବ୍ୟତୀତ ଇଣ୍ଡୋନେସିଆରେ ପ୍ରଚଳିତ ଅଛି ବୋଲି ବକ୍ତାମାନେ ବର୍ଣ୍ଣନା କରିଥିଲେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ଡୋକଟା ବିମାନ ଦ୍ୱାରା ଇଣ୍ଡୋନେସିଆ ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତିଙ୍କୁ ଉଦ୍ଧାର କରିଥିବା କଥା ଛାତ୍ରୀଛାତ୍ରୀଙ୍କ ନିକଟରେ ପ୍ରକାଶ କରିଥିଲେ। ଦର୍ଶନ ଶାସ୍ତ୍ର ଇଂରାଜୀ ଶବ୍ଦ ଫିଲୋସୋଫି କିଭଳି ଭିନ୍ନ ତାହା କୁହାଯାଇଥିଲା। ପାଶ୍ଚାତ୍ୟ ସଭ୍ୟତାରେ ଫିଲୋସୋଫି ଏବଂ ଭାରତୀୟ ଶଭ୍ୟତାର ଦର୍ଶନଶାସ୍ତ୍ର ଭିତରେ ଥିବା ପାର୍ଥକ୍ୟକୁ ବର୍ଣ୍ଣନା କରାଯାଇଥିଲା। ଦର୍ଶନ ଶାସ୍ତ୍ର ବିଷୟରେ ବହୁ ଉପାଦେୟବାର୍ତ୍ତା ବକ୍ତାମାନେ ଉପସ୍ଥାପନା କରିଥିଲେ। ମୁଖ୍ୟଅତିଥି ଦାସ ଦର୍ଶନଶାସ୍ତ୍ର ଛାତ୍ର ନ ହୋଇ ମଧ୍ୟ ଦର୍ଶନଶାସ୍ତ୍ର ଅଧ୍ୟୟନ କରିବା ପରେ ଦର୍ଶନଶାସ୍ତ୍ର ସବୁ ଶାସ୍ତ୍ରଠାରୁ ଉର୍ଦ୍ଧ୍ୱରେ ବୋଲି ବର୍ଣ୍ଣନା କରିଥିଲେ। ପ୍ରଫେସର ହୃଦାନନ୍ଦ ରାୟ, ବନବିହାରୀ ଚୌଧୁରୀ ଓ ସୁନିତା ପରିଡାଙ୍କ ଦ୍ୱାରା ରଚିତ ପୁସ୍ତକକୁ ମୁଖ୍ୟଅତିଥି ଓ ସଂଗଠନର ସଭାପତି ଉନ୍ମୋଚନ କରିଥିଲେ। ଏନସି କଲେଜ ଅଧ୍ୟକ୍ଷ ବିଷ୍ଣୁଚରଣ ଦାସ, ଡ. ନାରାୟଣ ଚନ୍ଦ୍ର ମହାନ୍ତି ଓ ଅଧ୍ୟାପକ ବିଜୟ ନାୟକଙ୍କ ସମେତ କଲେଜର ବହୁ ଅଧ୍ୟାପକ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଦକ୍ଷିଣ ଭୋଟକା ଉତ୍ସବମୁଖର

ରସୁଲପୁର,୨୩।୧ (ରଞ୍ଜିତ ରାଉତ):

ଅଯୋଧ୍ୟାର ନୂତନ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ବିଗ୍ରହର ପ୍ରାଣ ପ୍ରତିଷ୍ଠା ଅବସରରେ ରସୁଲପୁର ବ୍ଲକ ଅନ୍ତର୍ଗତ ଦକ୍ଷିଣ ଭୋଟକା ଗ୍ରାମ ଉତ୍ସବ ମୁଖର ହୋଇଉଠିଛି। ଏଠାରେ ଯୁବକମାନେ ଦୁଇଦିନ ବାପୀ ପ୍ରଭୁ ବାଟମହାବୀର ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାମ ଚନ୍ଦ୍ରଙ୍କ ୧୦୮ ନାମଯଜ୍ଞ ଆହୁତି ପ୍ରଦାନ ଉତ୍ସବ ପାଳନ କରିଥିଲେ। କର୍ତ୍ତାଭାବେ ପ୍ରତାପ ଦାସ ଯଜ୍ଞର ସମସ୍ତ ବିଧି ସମ୍ପାଦନା କରିଥିଲେ। ଭକ୍ତମାନେ ନିଜ ଘରେ ପ୍ରଭୁ ଶ୍ରୀରାମଙ୍କ ଉଦ୍ଦେଶ୍ୟରେ ଝୋଟି ଓ ମୁରୁଜ ପକାଇ କଳସ ସ୍ଥାପନା କରିଥିଲେ। ସନ୍ଧ୍ୟାରେ ଦୀପୋତ୍ସବ ପାଳନ କରାଯାଇଥିଲା। ପ୍ରତ୍ୟେକ ଘରେ ଶ୍ରୀରାମ ଓ ହନୁମାନଙ୍କ ଧ୍ୱଜା ଉଡୁଥିବା ଦେଖିବାକୁ ମିଳିଥିଲା। ଫଳରେ ସାରା ଗ୍ରାମ ରାମମୟ ହୋଇଯାଇଥିଲା। ବିଶ୍ୱହିନ୍ଦୁ ପରିଷଦ ଯାଜପୁର ଜିଲାର ପୂର୍ବତନ କୋଷାଧ୍ୟକ୍ଷ ଯଶୋବନ୍ତ ଦାସଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ବଂଶୀଧର ବେହେରା, ଗୋପାଳ ଚନ୍ଦ୍ର ଦାସ, ସୁଦାମ ଦାସ, ପ୍ରଶାନ୍ତ ଦାସ, ଚନ୍ଦନ ଦାସ, ରାମଚନ୍ଦ୍ର ଦାସ, ମଧୁସୂଦନ ବେହେରା, ରତ୍ନାକର ବେହେରା, ଶୁଭେନ୍ଦୁ ଦାସ, ଉମାଶଙ୍କର ଦାସ, କେଦାର ବେହେରା, କାଳନ୍ଦୀ ଦାସ, ଭୋଳାନାଥ ବେହେରା ଓ ରାମ ଚନ୍ଦ୍ର ଭଦ୍ରଙ୍କ ସମେତ ବହୁ ଶ୍ରୀରାମ ଭକ୍ତ ଉପସ୍ଥିତ ଥିଲେ।

## ଓଡ଼ଙ୍ଗ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ରସୁଲପୁର,୨୩।୧ (ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅଧୀନ ବାରବାଟୀ ପଞ୍ଚାୟତ ଓଡ଼ଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନିରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ଆୟୁଷ୍ମତି ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଭଲ ମଣିଷ ଗଢି ତୋଳିବାରେ ବିଦ୍ୟାଳୟ ଓ ଉତ୍ତମ ଶିକ୍ଷକଙ୍କ ଅବଦାନ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତାଭାବେ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଡ. ପ୍ରଭଞ୍ଜନ ପତି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ତମ ସମାଜ ଗଠନରେ ସେମାନଙ୍କ ଭୂମିକା ବିଷୟରେ ବୁଝାଇଥିଲେ। ସମ୍ମାନିତ ଅତିଥି ଓଡ଼ଙ୍ଗ କୃଷକ ବଜାର ସମ୍ପାଦକ ନିରଞ୍ଜନ ପଣ୍ଡା, ଗ୍ରାମୀଣ ଏକତା ମଞ୍ଚ ସଭାପତି ଅଭିମନ୍ୟୁ ସାହୁ, କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ପୁଷ୍ପଲତା ପ୍ରଧାନ, ପରିଚାଳକ କମିଟି ସଭାପତି ଆର୍ତ୍ତ ପରିଡା, ମୋ ସ୍କୁଲ କମିଟି ସଭାପତି ସଞ୍ଜୟ ପ୍ରଧାନ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ଗଠନ ଓ ମୂଲ୍ୟବୋଧ ସମ୍ପର୍କରେ ବଖାଣିଥିଲେ। ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କାର ପ୍ରଦାନ କରିଥିଲେ। ୨୦୨୨-୨୩ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ପିଲାଙ୍କୁ ପୁରାତନ ଛାତ୍ର ବିକ୍ରମ କିଶୋର ଦାଶ ତାଙ୍କ ବାପାଙ୍କ ସ୍ମୃତି ଉଦ୍ଦେଶ୍ୟରେ ନୀନ ଦାଶ ସ୍ମୃତି ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀଛାତ୍ରନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ଯାଜ୍ଞସେନୀ ମହାପାତ୍ର, ଚନ୍ଦ୍ରିକା ମହାରଣା, ବଣେଶରୀ ଖଣ୍ଡାଇ, ରାଜଶ୍ରୀ ଜେନା, ସୁନିତା ବାନା, କ୍ରିଷ୍ଣା ପଣ୍ଡା, କବିତା ପାଣି, ଦେବସ୍ମିତା ପାଢ଼ୀ, ସଞ୍ଜୁଲତା ପଣ୍ଡା, ଦିପ୍ତୀମୟୀ ମଲିକ, ରିତା ରାଉତ, କର୍ମଚାରୀ ଧବଳେଶ୍ୱର ସାହୁ, କୁନାଲ ବରାଳ ଓ ପରିଚାଳନା କମିଟି ସଦସ୍ୟ ଅତୁଲ୍ୟ ପଣ୍ଡାଙ୍କ ସମେତ ପୁରାତନ ଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିକ୍ଷକ ରଞ୍ଜନ ପତି ଧନ୍ୟବାଦ ଦେଇଥିଲେ।

# ନେତାଜୀ, ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ

## ନିଆରା ଢଙ୍ଗରେ ନେତାଜୀ ଜୟନ୍ତୀ ପାଳିଲେ ଉପେନ୍ଦ୍ର

ବରୀ,୨୩।୧ (ମହେନ୍ଦ୍ର ସ୍ୱାଇଁ):

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି ବରୀ ବ୍ଲକ ବାଇଁଶିରିଆ ପଞ୍ଚାୟତର ଉପେନ୍ଦ୍ର ମହାନ୍ତି। ସେ ବ୍ୟକ୍ତିଗତ ଭାବେ ନେତାଜୀଙ୍କ ଫଟୋ ଚିତ୍ର ଏବଂ ନେତାଜୀଙ୍କ ବିଭିନ୍ନ କର୍ଯ୍ୟଶୈଳୀର ଲେଖା ଏକ ମଣ୍ଡପରେ ରଖି ଜୟନ୍ତୀ ପାଳନ କରିଛନ୍ତି। ଏତତବ୍ୟତୀତ ମଣ୍ଡପ ନିକଟକୁ ଆସୁଥିବା ବ୍ୟକ୍ତିଙ୍କୁ ଜଳଖିଆ ପ୍ରଦାନ କରିଛନ୍ତି। ଯୁବପିଢ଼ି ନେତାଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେଲେ ଏକ ସୁସ୍ଥ ସମାଜ ଓ ସାଭିମାନୀ ସମାଜ ଗଠନ ହୋଇପାରିବ ବୋଲି ସେ ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ସେ ପ୍ରତିବର୍ଷ ନେତାଜୀଙ୍କ ଜୟନ୍ତୀକୁ ଭିନ୍ନ ରୂପରେ ପାଳନ କରିଥାନ୍ତି। ଭାରତର ଗଣତନ୍ତ୍ର, ପ୍ରଶାସନିକ ଅଧିକାରୀ ଏବଂ ନ୍ୟାୟିକ ବ୍ୟବସ୍ଥା ଉପରେ କ୍ଷୁବ୍ଧ ହୋଇ ସେ ୨୭।୦୧।୨୦୧୪ରେ ସିବିଆଇ ଜଜ ମନୋଜ କୁମାର ପଣ୍ଡାଙ୍କ ଉପରକୁ କୋର୍ଟ ପରିସରରେ ବୋମା ମାଡ଼ କରିବାବେଳେ ମତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି କହି ଚର୍ଚ୍ଚାକୁ ଆସିଥିଲେ।



ମଣ୍ଡପରେ ନେତାଜୀଙ୍କ ଫଟୋ ଏବଂ ଲେଖାରଖି ଜୟନ୍ତୀ ପାଳନ କରୁଛନ୍ତି ଉପେନ୍ଦ୍ର ମହାନ୍ତି।

## ଶହୀଦ ଭଗତ ସିଂ ଯୁବକ ସଂଘର ଗଣଦୌଡ଼



ରାଜୀବ ଗାନ୍ଧୀ ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିବା ଗଣଦୌଡ଼।

ଯାଜପୁରରୋଡ୍,୨୩।୧ (ପବିତ୍ର ରଞ୍ଜନ ମହାନ୍ତି): ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଶହୀଦ ଭଗତ ସିଂ ଯୁବକ ସଂଘ ଆନୁକୂଲ୍ୟରେ ଗଣଦୌଡ଼ ଏବଂ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଯୁବ ସାମାଜିକ କର୍ମୀ ରାକେଶ ରାଉତ, ଯୁବଉଦ୍ୟୋଗୀ ଅନିରୁଦ୍ଧ ମହାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କୁମାର ପୃଷ୍ଟି, ଖବରଦାତା ଚିନ୍ତାମଣି ପାଢ଼ୀ, ବିଜୟ ସାହୁ ଓ ପ୍ରଦ୍ୟୁମ୍ନ ବୋଇତାଇ ଅତିଥି ଭାବେ ଯୋଗଦେଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। ଗଣଦୌଡ଼ ରାଜୀବ ଗାନ୍ଧୀ ଷ୍ଟାଡିୟମରୁ ଆରମ୍ଭ ହୋଇ ଚୋରଦା କାଳୀ ମେଳଣ ପଡିଆଠାରେ ସମାପନ ହୋଇଥିଲା। ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବ୍ୟାସନଗର ପୌରପରିଷଦ ଉପାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳ, ମୁଖ୍ୟବକ୍ତା ବଜ୍ରବାହୁ ସୀମାନ୍ତ କେଶରୀ ସାମଲ, ସମ୍ମାନିତ ଅତିଥି ଅନିରୁଦ୍ଧ ମହାନ୍ତି, ମଣିନ୍ଦ୍ର ସାହୁ, ସଂଘର ଉପଦେଷ୍ଟା ନାରାୟଣ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦେଇଥିଲେ। ବ୍ୟଙ୍ଗକବି ବାଇଧର ମାଝୀ ମଞ୍ଚ ପରିଚାଳନା କରିବାବେଳେ ସମ୍ପାଦକ ହେମନ୍ତ ଧୀର ଧନ୍ୟବାଦ ଦେଇଥିଲେ।

କୃତୀ ପ୍ରତିଯୋଗୀ ପୁରସ୍କୃତ ହେଇଥିଲେ। ପୂର୍ବାହ୍ନରେ ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରକ୍ତଭଣ୍ଡାରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ସେହିପରି ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ବ୍ୟାସଭିଆନ-୮୧ ଓ ଆଲୁମନି ପକ୍ଷରୁ ନେତାଜୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଇନଜୀବୀ ବିବେକାନନ୍ଦ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଲୁମନିର ସଭାପତି ବିଦ୍ୟାଧର ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ନାୟକ, ବ୍ୟାସଭିଆନ-୮୧ର କାର୍ଯ୍ୟକର୍ତ୍ତା ପତିତପାବନ ବେହେରା, ମାନଗୋବିନ୍ଦ ପଣ୍ଡା, ଡ.ଦାମୋଦର ମହାପାତ୍ର ଓ ବିଦ୍ୟାଧର ଜେନା ପ୍ରମୁଖ ଯୋଗ ଦେଇଥିଲେ। କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ ଧନ୍ୟବାଦ ଦେଇଥିଲେ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

**ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ**

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर-751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक-इन-इन्टरव्यू**

भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल-साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।

**WALK-IN INTERVIEW**

A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

## ଗହୀରମଥାରୁ ବୋଟ୍ ଜବତ, ୫ ମତ୍ସ୍ୟଜୀବୀ ଗିରଫ

ରାଜନଗର, (ଭାସ୍କର ରାଉତରାୟ): ବିରଳ ଅଲିଭରିଡଲେ କଇଁଛଙ୍କ ଅନ୍ତୁଡିଶାଳ ଗହୀରମଥା ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗ ପାଟ୍ରୋଲିଂ ଟିମ ଗୋଟିଏ ୨ ସିଲିଣ୍ଡର ବୋଟ ଜବତ କରିବା ସହ ୫ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଅଫିସର ପ୍ରଦୋଷ ମହାରଣାଙ୍କ ନେତୃତ୍ୱରେ ଫରେଷ୍ଟର ପ୍ରଫୁଲ୍ଲ କୁମାର ମାଝିଙ୍କ ସମେତ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ଜୟ ମା' ଗଙ୍ଗା-୧ ନାମକ ସିଲିଣ୍ଡର ବୋଟ ଜବତ କରାଯାଇଛି। ବୋଟରୁ ନିମାଇଁ ମଣ୍ଡଳ, ହରିପଦ ବିଶ୍ୱାସ, ଦଶରଥ ଦାସ, ରବିନ୍ଦ୍ର ଗାଇନି, ଦେବବ୍ରତ ମାଝିଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ସଂକ୍ଷେପରେ

## ରାମିଆଗଞ୍ଜରେ ରାମମନ୍ଦିର, ବିଗ୍ରହ ପ୍ରତିଷ୍ଠା

ମାର୍ଶାଘାଇ,୨୩।୧
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ରାମିଆଗଞ୍ଜ ଗ୍ରାମଠାରେ ନୂତନ ରାମ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ଉତ୍ସବ ପାଳିତ ହେଉଅଛି। ମନ୍ଦିର ପ୍ରତିଷ୍ଠା ଓ ମହାଯଜ୍ଞ ପାଇଁ ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ସୋମବାର ନୂତନ ମନ୍ଦିରରେ ପ୍ରଭୁ ଶ୍ରୀରାମ, ସୀତା, ଲକ୍ଷ୍ମଣ ଓ ହନୁମାନଙ୍କ ବିଗ୍ରହକୁ ସିଂହାସନରେ ବିରାଜିତ କରାଯାଇ ପ୍ରାଣ ପ୍ରତିଷ୍ଠା କରାଯାଇଛି। ପ୍ରତ୍ୟେକ ସନ୍ଧ୍ୟାରେ ହରିଦ୍ୱାରରୁ ଆସିଥିବା ସନ୍ଥ ମହାତ୍ମା ଜ୍ୟୋତ୍ସ୍ନା ବାଇଜି ଓ ମୋହିନୀ ବାଇଜିଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଛି। ଗ୍ରାମବାସୀଙ୍କ ପକ୍ଷରୁ ଜଗତ୍‌ସିଂହପୁରରେ ଡିଏସ୍‌ପି ଥିବା ପ୍ରେମାନନ୍ଦ ଲେଙ୍କା, ପୂର୍ବତନ ସରପଞ୍ଚ ମନୋରଞ୍ଜନ ସାମଲ, ପୁଲକ ରଥ, ନିମାଇଁ ଲେଙ୍କା, କମଳଲୋଚନ ସାମଲ, ହୃଷୀକେଶ ଲେଙ୍କା, ସୁରେନ୍ଦ୍ର ସାମଲ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ଅର୍ପଣ ରଥ: ରାଜନଗରରୁ ୨,୩୬,୮୦୧ ଟଙ୍କା ସଂଗ୍ରହ

ରାଜନଗର, ୨୩।୧
(ଭାସ୍କର ରାଉତରାୟ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ଅବସରରେ ଗାଁକୁ ଗାଁ ବୁଲିଥିବା ଅର୍ପଣ ରଥରେ ଭକ୍ତମାନେ ଅକ୍ଷତ, ଗୁଆ ଓ ଅର୍ଥ ପ୍ରଦାନ କରିଥିଲେ। ରାଜନଗର ବ୍ଲକରୁ ସଂଗୃହୀତ ୨,୩୬,୮୦୧ ଟଙ୍କା ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମା କରାଯାଇଛି ବୋଲି ବିଡିଓ ନିଶାନ ମିଶ୍ର ସୂଚନା ଦେଇଛନ୍ତି। ଅର୍ପଣ ରଥ ବ୍ଲକର ୨୯ ପଞ୍ଚାୟତ ପରିକ୍ରମା କରିଥିଲା। ସଂଗୃହୀତ ଟଙ୍କାକୁ ବିଡିଓ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ବ୍ଲକର କନିଷ୍ଠଯନ୍ତ୍ରୀ ପ୍ରଭାତ କୁମାର ମାଝି, ଚନ୍ଦ୍ରଶେଖର ହାଁସଦା ସୋମବାର ପୁରୀ ଶ୍ରୀମନ୍ଦିର ଯାଇଁ ଏହି ଅର୍ଥରାଶି ଜମା କରିଛନ୍ତି। ଅର୍ପଣ ରଥରୁ ସଂଗୃହୀତ ଗୁଆ ଓ ଅକ୍ଷତ ଫେବୃଆରୀ ୧ରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜମା କରାଯିବ ବୋଲି ସରକାରୀ ନିର୍ଦ୍ଦେଶ ରହିଛି।

## ମହିଳାଙ୍କଠାରୁ ଦୁର୍ବୃତ୍ତ ଝାମ୍ପି ନେଲେ ୫୦ ହଜାର

ଆଳି, ୨୩।୧ (ବନମାଳୀ ସେନାପତି)

ଆଳି ଥାନା ଅନ୍ତର୍ଗତ ଲୋକାପଡ଼ା (ଖରଖାଇ ଗଳି) ଗ୍ରାମର ରଶ୍ମିତା ରାୟ ବ୍ୟାଙ୍କରୁ ୫୦ ହଜାର ଟଙ୍କା ଉଠାଇ ଅଞ୍ଚଳରେ ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ଘରକୁ ଚାଲିଚାଲି ଯାଉଥିଲେ। ଥାନାଠାରୁ ମାତ୍ର ୧୦୦ ମିଟର ଦୂର ବେହେରା ଗଳିରେ ତାଙ୍କ ନିକଟକୁ ୨ ଜଣ ଯୁବକ ଏକ କଳା ରଙ୍ଗର ପଲ୍‌ସର ବାଇକ୍‌ରେ ଆସି ଟଙ୍କା ବ୍ୟାଗ ଝାମ୍ପି ନେଇଥିଲେ। ସେ ଟଙ୍କା ନେଇଗଲେ ବୋଲି ଚିତ୍କାର କରିବାରୁ ସ୍ଥାନୀୟ ଲୋକ ଯୁବକ ଦ୍ୱୟଙ୍କୁ ପିଛା କରିଥିଲେ ମଧ୍ୟ ସେମାନେ ଫେରାର ହୋଇଯାଇଥିଲେ। ଏ ନେଇ ରଶ୍ମିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାର ତଦନ୍ତ କରୁଛି।

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ପାଇଁ ୩ ଦିନ ଯଜ୍ଞ

ରାଜକନିକା, ୨୩।୧ (ସଞ୍ଜୟ କୁମାର ଦାଶ)

ଅଯୋଧ୍ୟାରେ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ତଥା ରାମ ରାଜ୍ୟର ପରିକଳ୍ପନା କରାଯାଇଛି। ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ରାଜକନିକା ବ୍ଲକସ୍ଥିତ ପିଣ୍ଡୁଡି ଗ୍ରାମର ମହିଳା ଉଦ୍ୟୋକ୍ତା ଭାବେ ସରୋଜିନୀ ରାଉତ, ଅନ୍ନପୂର୍ଣ୍ଣା ଦାସ, ଅମିନା ଦାସ, କବିତା ନାୟକ ଓ ସୁଷମା ନାୟକଙ୍କ ସମେତ ଶତାଧିକ ମହିଳା ଯୋଗ ଦେଇଥିଲେ। ଯୁବଗୋଷ୍ଠୀଙ୍କ ସହଯୋଗରେ ୨୧, ୨୨ ଓ ୨୩ ଶ୍ରୀରାମଲାଲାଙ୍କର ପ୍ରାଣ ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଦୁର୍ଗା ମଣ୍ଡପ ଯଜ୍ଞବେଦୀରେ ଯଜ୍ଞ କାର୍ଯ୍ୟକ୍ରମ ମାଧ୍ୟମରେ ଶାସ୍ତ୍ରୀୟ ରୀତିନୀତିରେ ହୋଇଥିଲା। ଏହାବାଦ୍ ରାମାୟଣ ଗାନ, ରାମାୟଣ ଝାଙ୍କି, ରାମାୟଣ ପାଠ, ରାମାୟଣ ନୃତ୍ୟ ଆଦି ପ୍ରଦର୍ଶନ ସହ ଧ୍ୟାନ ଯୋଗ ସନ୍ଧ୍ୟାକାଳୀନ ଉତ୍ସବକୁ ବେଶ୍ ମୁଖରିତ କରିଥିଲା।

# ଜିଲା ଭାଜପା ସଭାପତିଙ୍କୁ କର୍ମୀଙ୍କ ବିରୋଧ

### ବୈଠକରେ ଠେଲାପେଲା, ମିଟିଂ କରି ନ ପାରି ଫେରିଗଲେ

ରାଜନଗର, ୨୩।୧
(ଭାସ୍କର ରାଉତରାୟ)


କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଭାଜପା ସଭାରେ ଗଣ୍ଡଗୋଳର ଏକ ଦୃଶ୍ୟ।

ରାଜନଗରଠାରେ ମଙ୍ଗଳବାର ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ବାଡିଆ ପିଟା ହୋଇଛି। ଜିଲା ଭାଜପା ସଭାପତି କିଶୋର କୁମାର ପଣ୍ଡା ନିର୍ଦ୍ଦିଷ୍ଟ ଗୋଷ୍ଠୀ ଗଠନ କରିବା ସହ ତୃଣମୂଳସ୍ତରରେ ସଙ୍ଗଠନ ବିଗାଡୁଥିବା କର୍ମୀମାନେ ଦାବି କରି ତାଙ୍କୁ ବୈଠକ କରାଇ ଦେଇନାହାନ୍ତି। କର୍ମୀଙ୍କ ରୋଷର ଶିକାର ହୋଇଥିବା ଜିଲା ଭାଜପା ସଭାପତି ପଣ୍ଡା ରାଜନଗରରେ ବୈଠକ କରି ନ ପାରି ଫେରି ଯାଇଛନ୍ତି। ଗୋ ବ୍ୟାକ୍ ନାରା ସହ ରାଜନଗର ନିର୍ବାଚନମଣ୍ଡଳୀରେ ସଭାପତିଙ୍କୁ ଆଉ ପୂରାଇ ଦେବୁନି ବୋଲି କର୍ମୀମାନଙ୍କ ଚେତାବନୀ ଭାଜପା ପାଇଁ ଅଡୁଆ ସୃଷ୍ଟି କରିଛି।

ରାଜନଗର ବ୍ଲକର ସାନବଡ଼ଗୋପାଳପୁରସ୍ଥିତ ନୀଳାଦ୍ରୀବିହାରୀ ମଣ୍ଡପରେ ଭାଜପାର ବୁଥ୍ ଚାଲ ଅଭିଯାନ ପାଇଁ ରାଜନଗର ନିର୍ବାଚନମଣ୍ଡଳୀର ବୈଠକ ବସିଥିଲା। ରାଜନଗର ନିର୍ବାଚନମଣ୍ଡଳୀ ପ୍ରଭାରୀ ସୁନାକର ପ୍ରଧାନଙ୍କ ସହ ବୈଠକରେ ଜିଲା ସଭାପତି ପଣ୍ଡା, ରାଜନଗରର ପୂର୍ବତନ ବିଧାୟକ ତଥା ଭାଜପା ନେତା ଅଲେଖ କୁମାର ଜେନା, ୩୧ନଂ. ଜୋନ ଭାଜପା ସଭାପତି ଦିଲୀପ କୁମାର ରାଉତ ଉପସ୍ଥିତ ଥିଲେ। ବୈଠକ ଆରମ୍ଭ ହେବା ପୂର୍ବରୁ ଭାଜପା ନେତା ଜେନାଙ୍କ ସମର୍ଥକମାନେ ଜିଲା ସଭାପତିଙ୍କୁ ନିର୍ବାଚନ ହୋଇ ନ ଥିବାବେଳେ ରାଜନଗର ନିର୍ବାଚନମଣ୍ଡଳୀର ୫ଟି ଜୋନ ସଭାପତିଙ୍କ ନାଁ କିପରି ଖବରକାଗଜରେ ବାହାରିଲା, ତାହା ଜାଣିବାକୁ ଚାହିଁଥିଲେ। ଜିଲା ସଭାପତି ସଙ୍ଗଠନ ବୃଦ୍ଧି କରିବା ପରିବର୍ତ୍ତେ ରାଜନଗର ନିର୍ବାଚନମଣ୍ଡଳୀରେ ଗ୍ରୁପିଜିମ କରି ସଙ୍ଗଠନକୁ ନଷ୍ଟ କରୁଛନ୍ତି ବୋଲି କର୍ମୀମାନେ ଅଭିଯୋଗ କରିଛନ୍ତି। ପ୍ରଶ୍ନର ଉତ୍ତର ନ ଦେବା ଯାଏଁ ବୈଠକ କରି ପାରିବେନି ଏବଂ ରାଜନଗର ନିର୍ବାଚନମଣ୍ଡଳୀକୁ ପୂରାଇ ଦିଆଯିବନି ବୋଲି କର୍ମୀମାନେ କହି ବୈଠକ କରାଇ ଦେଇ ନ ଥିଲେ। ହୋ ହାଲ୍ଲା ଅଣାୟତ ହୋଇ ଚେୟାର ଫୋପଡା ଓ ହାତ ଉଠାଉଠି ଯାଏଁ କଥା ଯାଇଥିଲା। ଏପରିକି ଜିଲା ସଭାପତି ପଣ୍ଡାଙ୍କ ଦୁଇଜଣଙ୍କ ସମର୍ଥକଙ୍କୁ ମାଡ ମରାଯାଇଥିବା ଭଳି ଘଟଣା ବୈଠକରେ ଘଟିଛି। ବୈଠକ ରଣକ୍ଷେତ୍ରରେ ପରିଣତ ହେବାରୁ ଜିଲା ସଭାପତି ପଣ୍ଡା ପଳାଇ ଯାଇଛନ୍ତି। ଏ ସମ୍ପର୍କରେ ନିର୍ବାଚନମଣ୍ଡଳୀର ପ୍ରଭାରୀ ପ୍ରଧାନଙ୍କୁ ପଚାରିବାରୁ ସଭାପତି ଚୟନ ପାଇଁ ପାଟିତୁଣ୍ଡ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ କଥା ହୋଇ ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ପତନମୁଖୀ ସମାଜକୁ ସାହିତ୍ୟ ହିଁ ବଞ୍ଚାଇପାରିବ


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଆଳି, ୨୩।୧ (ବନମାଳୀ ସେନାପତି)

ପତନମୁଖୀ ସମାଜକୁ ହିଁ ସାହିତ୍ୟ ବଞ୍ଚାଇପାରିବ ବୋଲି ଅତିଥିମାନେ ପଲକ ପତ୍ରିକାର ବାର୍ଷିକ ଉତ୍ସବରେ ପ୍ରକାଶ କରିଛନ୍ତି। ଆଳି ବ୍ଲକ ଅନ୍ତର୍ଗତ ସିଙ୍ଗିରି ବଜାରସ୍ଥିତ ସାଧନା ମଣ୍ଡପଠାରେ ଆୟୋଜିତ ପଲକର ବାର୍ଷିକ ଉତ୍ସବରେ ଯୋଗଦେଇ ବିଶିଷ୍ଟ କବି ଓ ଗବେଷକ ଡ. ଅଞ୍ଜୁମନ ଆରା କହିଥିଲେ, ଆଜିର ସାମାଜ ପତନମୁଖୀ ହୋଇଛି। ଗାଳ୍ପିକମାନେ ଚାହିଁଲେ ଏହି ପତନମୁଖୀ ସମାଜରେ ସୁଧାର ଆଣିପାରିବେ। ଏବେ ନାରୀ ସଶକ୍ତୀକରଣ ଚାଲିଛି, ତଥାପି ଏ ସମାଜରେ ବଳାତ୍କାର, ଅତ୍ୟାଚାର କମିନାହିଁ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ କବି ଓ ପ୍ରାବନ୍ଧିକ ଡ. ନାରାୟଣ ପଣ୍ଡା କହିଥିଲେ, ଜଣେ ସାହିତ୍ୟିକ ଲେଖିବା ପୂର୍ବରୁ ଅନେକ ବହି ପଢ଼ିବା ଉଚିତ୍। ନ ପଢ଼ିଲେ ତାଙ୍କ ଲେଖା କେବେ ଠିକ୍ ହେବନାହିଁ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗାଳ୍ପିକ ବିଷ୍ଣୁ ସାହୁ କହିଥିଲେ, ସାହିତ୍ୟ ମଣିଷକୁ ଠିକ୍ ରାସ୍ତା ଦେଖାଇଥାଏ। ପ୍ରଫେସର ନନ୍ଦକିଶୋର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ କବି ପ୍ରମୋଦ ମଲ୍ଲିକ ଯୋଗଦେଇଥିଲେ। ପ୍ରଥମ ଅଧିବେଶନରେ ପ୍ରାୟ ୨୫ ଜଣ ଅତିଥି କବି ସ୍ୱରଚିତ କବିତା ପାଠ କରିଥିଲେ। କବି ରାମକୃଷ୍ଣ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରାଗ ସାହିତ୍ୟ ପତ୍ରିକାର ସମ୍ପାଦକ ଗାଳ୍ପିକ, କବି ବନମାଳୀ ସେନାପତି କହିଥିଲେ, ଆମର ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଆମେ ଉଚ୍ଚାରଣ କରୁଥିବା ସବୁ ବାକ୍ୟ ଓ ଶବ୍ଦ ଗୋଟିଏ ଗୋଟିଏ କବିତା। ଏହି ଅବସରରେ କବି ପିନାକୀ ମିଶ୍ର, ଶରତ ଚନ୍ଦ୍ର ମହାପାତ୍ର, କାଳିନ୍ଦୀ ଚରଣ ଜେନା, ଡ. ନାରାୟଣ ପଣ୍ଡା, ଡ. ବାସନ୍ତୀ ମହାନ୍ତି, ଡ. ଶ୍ରୀହରି ଧଳ, ଡ. ଶ୍ରୀଧର ସାମଲ, ଦେବେନ୍ଦ୍ର ଚୌଧୁରୀ, ଭାଗୀରଥି ବେହେରା, ସଚ୍ଚିଦାନନ୍ଦ ମିଶ୍ର, ରଞ୍ଜନ ବାଇ, ଭବାନୀ ପ୍ରସାଦ ମହାପାତ୍ର, ପ୍ରମୋଦ ମଲ୍ଲିକଙ୍କୁ ଉତ୍ତରୀୟ ଓ ମାନପତ୍ର ଦିଆଯାଇ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ଶଶିକାନ୍ତ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମନେପଡ଼େ ସେଦିନର କଥା, ଗୋଟିଏ ଗାଁର ଚିତ୍ରପଟ, ସ୍ୱପ୍ନ ସମ୍ପର୍କ ଓ ତୁମ ପାଇଁ ମୋ କାହାଣୀ ପେଡ଼ି ପୁସ୍ତକଗୁଡ଼ିକର ଅତିଥିମାନେ ଲୋକାର୍ପଣ କରିଥିଲେ।

## ସାଂସ୍କୃତିକ ମୂଲ୍ୟବୋଧକୁ ତୋଳି ଧରିଲେ ସମାଜ ତିଷ୍ଠିବ

### କନିକା ପୂଜ୍ୟପୂଜା ପରିଷଦର ବାର୍ଷିକ ସମାବର୍ତ୍ତନ ଉତ୍ସବ

ରାଜକନିକା,୨୩।୧
(ସଞ୍ଜୟ କୁମାର ଦାଶ)

ଭଲ ମଣିଷ ହୋଇ ସାଂସ୍କୃତିକ ମୂଲ୍ୟବୋଧକୁ ତୋଳି ଧରିଲେ ସମାଜ ତିଷ୍ଠିବ, ସେଥିପାଇଁ ଆମ ସମସ୍ତଙ୍କୁ ସାମାଜିକ ବ୍ୟବସ୍ଥାକୁ ସୁଧାରିବାକୁ ପଡ଼ିବ। ମଙ୍ଗଳବାର ନେତାଜୀଙ୍କ ଜୟନ୍ତୀ ଓ କନିକା ପୂଜ୍ୟପୂଜା ପରିଷଦର ଦଶମ ବାର୍ଷିକ ସମାବର୍ତ୍ତନ ଉତ୍ସବ ଏବଂ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାହିତ୍ୟିକ ଡ. ନଟବର ଶତପଥୀ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ରାଜକନିକା ବ୍ଲକର ବାଘବୁଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ପରିଷଦର ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱ ତଥା ସାମାଜିକ କର୍ମୀ କପିଳ ମିଶ୍ରଙ୍କ ସଂଯୋଜନାରେ ସଭା ହୋଇଥିଲା। ମୁଖ୍ୟ ଅତିଥି ଡ. ଶତପଥୀ ଆନୁଷ୍ଠାନିକ ଭାବେ ସଭାକୁ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ଅଭୟ କୁମାର ଦ୍ୱିବେଦୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କନିକା ତହସିଲଦାର ଅଶୋକ କୁମାର ଦେହୁରୀ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରିଲୋଚନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ମୁମ୍ବାଇର ଗୁରୁଜୀ ଗ୍ରୁପ୍ ଅଫ୍ କମ୍ପାନୀର ଫାଉଣ୍ଡର ତଥା ଚେୟାରମ୍ୟାନ ଡ. ହୟଗ୍ରୀବ ଗୁରୁଙ୍କୁ ମୁଖ୍ୟ ଅତିଥି ଡ. ଶତପଥୀ ସମ୍ବର୍ଦ୍ଧିତ କରିଥିଲେ। ସାମାଜିକ କର୍ମୀ ବିଧାନ ଚନ୍ଦ୍ର ଦାସ ମାନପତ୍ର ପାଠ କରିଥିଲେ। ସେହିପରି ମରଣୋତ୍ତର ସମ୍ବର୍ଦ୍ଧିତ ପ୍ରତିଭା ଭାବେ ରାଜକନିକା ଓଳାଭର ଅଞ୍ଚଳର ପୂର୍ବତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଉଦୟନାଥ ବେହେରାଙ୍କ ଉଦ୍ଦେଶ୍ୟରେ ତାଙ୍କ କନ୍ୟା ମିସ୍ ଡଲିଙ୍କୁ ମୁଖ୍ୟବକ୍ତା ଡ. ଦ୍ୱିବେଦୀ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷାବିତ୍ ପ୍ୟାରୀମୋହନ ସ୍ୱାଇଁ ମାନପତ୍ର ପାଠ କରିଥିଲେ। ପରିଷଦର କୋଷାଧ୍ୟକ୍ଷ ପ୍ରାଧ୍ୟାପକ ସୁରେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖପତ୍ର 'ପ୍ରତିଧ୍ୱନୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ କାଳିପ୍ରସାଦ ନାୟକ ମୁଖପତ୍ରର ସମ୍ପାଦନା ମଣ୍ଡଳୀ ଅଭିମତ ରଖିଥିଲେ। ଅତିଥିଙ୍କ ଦ୍ୱାରା ପୃଷ୍ଠପୋଷକ ବଂଶୀଧର ରାଉତ, ଦାମୋଦର ଧଳ, ଡ. ଫକୀର ଚନ୍ଦ୍ର ପ୍ରଧାନ, ଡା. ଆଶିଷ କୁମାର ବାରିକଙ୍କ ପ୍ରତିନିଧି ଦେବକାନ୍ତ ବେହେରା, ପ୍ରବୀର କୁମାର ଦେଓ, ରବିନାରାୟଣ ଜେନା, ଫଣିଭୂଷଣ ବିଶ୍ୱାଳ, ଅକ୍ଷୟ କୁମାର ଦ୍ୱିବେଦୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆଇନଜୀବୀ ମୃତ୍ୟୁଞ୍ଜୟ ସାମଲ ଧନ୍ୟବାଦ ଦେଇଥିଲେ। ପରିଷଦର ସମସ୍ତ ସଭ୍ୟାସଭ୍ୟ, ଶିକ୍ଷୟିତ୍ରୀଶିକ୍ଷକ, ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିମାନେ ପୁସ୍ତକ ପ୍ରତିଧ୍ୱନୀକୁ ଉନ୍ମୋଚନ କରୁଛନ୍ତି।

## ୧ କି.ମି. ତ୍ରିରଙ୍ଗା ଯାତ୍ରାରେ ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର


ତ୍ରିରଙ୍ଗା ଶୋଭାଯାତ୍ରରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଅନ୍ୟମାନେ।

କେନ୍ଦ୍ରାପଡ଼ା, ୨୩।୧ (ଜଗନ୍ନାଥ ଧଳ)

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ମଙ୍ଗଳବାର ଜୟନ୍ତୀ। ଏହି ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ଘରୋଇ ବିଦ୍ୟାଳୟ ସଂଘ ପକ୍ଷରୁ ୧ କିଲୋମିଟର ଲମ୍ବର ତ୍ରିରଙ୍ଗା ଯାତ୍ରା (ଜସ୍ନ ଏ ତ୍ରିରଙ୍ଗା) ଆୟୋଜିତ ହୋଇଯାଇଛି। ଏଥିରେ ଜିଲାର ଶତାଧିକ ଘରୋଇ ବିଦ୍ୟାଳୟର ୫ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇ ଇଚ୍ଛାପୁରସ୍ଥ ମାଉସୀମା' ମନ୍ଦିରଠାରୁ ୬ କି.ମି. ଦୂର ତିନିମୁହାଣି ପର୍ଯ୍ୟନ୍ତ ଶୋଭାଯାତ୍ରା କରିଥିଲେ। ଏ ସମ୍ପର୍କରେ ସଂଘ ସଭାପତି ନିରଞ୍ଜନ ବିଶ୍ୱାଳ, ସମ୍ପାଦକ ରଞ୍ଜନ କୁମାର ବିଶ୍ୱାଳ, ଉପସଭାପତି ଅଜୟ କୁମାର ପୃଷ୍ଟି, ସହସମ୍ପାଦକ ରବୀନ୍ଦ୍ର ଦାଶ, କୋଷାଧ୍ୟକ୍ଷ ଆଦିକନ୍ଦ ରାଉଳ, ସଂଯୋଜକ ପ୍ରଭାତ କୁମାର ପରିଡ଼ା, ଆବାହକ ଦୀପକ କୁମାର ଜେନା ପ୍ରମୁଖ କହିଛନ୍ତି, ଦୁଇ ଓଡ଼ିଆ ବୀରଙ୍କ ସ୍ୱାଧୀନତା ସଂଗ୍ରାମରେ ଅବଦାନକୁ ମନେପକାଇବା ପାଇଁ ଏହି କାର୍ଯ୍ୟକ୍ରମ ହୋଇଛି। ପ୍ରତିବର୍ଷ ସେମାନଙ୍କ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ ପାଇଁ ବୌଦ୍ଧିକ କାର୍ଯ୍ୟକ୍ରମ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥାଏ। ତେବେ ଏହି ଦୁଇ ବରପୁତ୍ରଙ୍କ ସ୍ମରଣ ପାଇଁ ଛାତ୍ରୀଛାତ୍ରଙ୍କ ଦ୍ୱାରା ୧ କିଲୋମିଟର ଲମ୍ବର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଯାତ୍ରାକୁ ସହରବାସୀ ପୁଷ୍ପ ବର୍ଷା ଦ୍ୱାରା ସ୍ୱାଗତ କରିଛନ୍ତି। ସେହିପରି ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ, ଜନସାଧାରଣ ଶୋଭାଯାତ୍ରାରେ ସାମିଲ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏହି ତ୍ରିରଙ୍ଗା ଯାତ୍ରାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଚରିତ୍ରକୁ ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିନୟ କଳା ଦ୍ୱାରା ପ୍ରଦର୍ଶନ କରିଥିଲେ। ଶିକ୍ଷା ବିଭାଗରେ ୧ କିଲୋମିଟର ଲମ୍ବର ତ୍ରିରଙ୍ଗା ଯାତ୍ରା ରାଜ୍ୟରେ କେନ୍ଦ୍ରାପଡ଼ାରେ ପ୍ରଥମ ବୋଲି ସେମାନେ ପ୍ରକାଶ କରିଥିଲେ।

## ଫାଇନାଲରେ ପିସିସି ପାରାଦୀପ ଦଳ

### ରାଜ୍ୟସ୍ତରୀୟ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ରାଜନଗର, ୨୩।୧
(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ବଡ଼ପଲ୍ଲୀସ୍ଥିତ ଚଞ୍ଚଳା ମିନି ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ୪୨ତମ ଚଞ୍ଚଳା ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟର ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଡିଆରକେ ବାରିପଦାକୁ ହରାଇ ପିସିସି ପାରାଦୀପ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପସିସି ପାରାଦୀପ ପ୍ରଥମେ ବ୍ୟାଟିଂ କରି ୨୪.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୫୫ରନ କରିଥିଲା। ଦଳର ବ୍ୟାଟ୍ସମ୍ୟାନ ଅରୁଣ ମହାରଣା ୩୪ ବଲରୁ ୫୩ରନ କରିଥିଲେ। ବାରିପଦାର ପ୍ରିତପାଲ ସିଂ ୫ ଓଭର ବୋଲିଂ କରି ୨୬ ରନ ଦେଇ ୪ ଉଇକେଟ ନେଇଥିଲେ। ଜବାବରେ ଡିଆରକେ ବାରିପଦା ୨୩.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୧୦ ରନ ସଂଗ୍ରହ କରିଥିଲା। ପାରାଦୀପର ଅରୁଣ ମହାରଣା ୪ ଓଭର ବୋଲିଂ କରି ୧୫ ରନ ଦେଇ ୫ଟି ଉଇକେଟ ନେଇଥିଲେ। ଯୁବ ସାମାଜିକ କର୍ମୀ ସନ୍ତୋଷ ରାଉତ ମୁଖ୍ୟଅତିଥି ଓ ମହେଶ୍ୱର ବଳ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଆୟୋଜକ ପଲ୍ଲିଶ୍ରୀ ଯୁବକ ସଂଘର ସଭାପତି ଅଭିମନ୍ୟୁ ପ୍ରଧାନ, ସମ୍ପାଦକ ଅଭିମନ୍ୟୁ ପଢ଼ିହାରୀ, କୋଷାଧ୍ୟକ୍ଷ ତପନ କୁମାର ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅମ୍ପାୟାର ଭାବେ ବଂଶୀଧର ସ୍ୱାଇଁ, ନିରୋଦ ବଳ କାର୍ଯ୍ୟ ତୁଲାଇ ଥିଲେ।

## ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ଲୋକାର୍ପିତ

### କ୍ଷୁଦ୍ର ବ୍ୟବସାୟୀଙ୍କ ୧୫ ବର୍ଷର ସ୍ୱପ୍ନ ସାକାର ହେଲା

ମହାକାଳପଡା, ୨୩।୧
(ପ୍ରତାପ ଚନ୍ଦ୍ର ସ୍ୱାଇଁ)


ଅତିଥିଙ୍କ ଦ୍ୱାରା ବି. ବି. କଲୋନୀରେ ନେତାଜୀଙ୍କ ନୂତନ ମୂର୍ତ୍ତି ଲୋକାର୍ପିତ।

ମହାକାଳପଡ଼ା ବ୍ଲକ ଅଧୀନ ପେଟ୍‌ଛେଲା ପଞ୍ଚାୟତର ବି.ବି. କଲୋନୀର କ୍ଷୁଦ୍ର ବ୍ୟବସାୟୀ ଶଙ୍କର ମଜୁମଦାର (୪୫)। ଦାରିଦ୍ର୍ୟ ସତ୍ତ୍ୱେ ଶଙ୍କର ଦେଶ ପାଇଁ ସଂଗ୍ରାମୀମାନଙ୍କ ମଧ୍ୟରେ ନେତାଜୀ ସୁଭାଷ ବୋଷଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ୧୫ ବର୍ଷ ତଳେ ସଂକଳ୍ପ ନେଇଥିଲେ। ଏ ସମ୍ପର୍କରେ ଗ୍ରାମର ସାଥୀ ଯୁବକ, ମୁରବିମାନଙ୍କୁ କହିଥିଲେ। ପରେ ଶଙ୍କର ଓ ଯୁବକ ସଂଘର ସଦସ୍ୟମାନେ ଗ୍ରାମର କୀର୍ତ୍ତନ ପଡ଼ିଆଠାରେ ନେତାଜୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ନିର୍ମାଣ କାର୍ଯ୍ୟ ଶେଷ ପରେ ମଙ୍ଗଳବାର ନେତାଜୀଙ୍କ ଜୟନ୍ତୀ ପାଳନ ଅବସରରେ ପୂର୍ବାହ୍ନରେ ଗ୍ରାମ କୀର୍ତ୍ତନ ପଡ଼ିଆଠାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିମାନେ ଯୋଗଦେଇ ବୋଷଙ୍କ ପ୍ରତିମୂର୍ତ୍ତିକୁ ଲୋକାର୍ପଣ କରିଛନ୍ତି। ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇ ଦେଶ ପାଇଁ ଝାସ ଦେଇଥିବା ସଂଗ୍ରାମୀ ବୋଷଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଭବିଷ୍ୟତ ଗଢ଼ିବା ପାଇଁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ନେତାଜୀ ଆଜାଦ ହିନ୍ଦ୍ ଫୌଜ ଗଠନ କରି ନିଜ ମାତୃଭୂମିକୁ ସମ୍ମାନ ଜଣାଇ ବ୍ରିଟିଶ ଶାସକଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ। ବ୍ରିଟିଶମାନଙ୍କ ଦାସତ୍ୱ ଗ୍ରହଣକୁ ବିରୋଧ କରିଥିଲେ। ଗାନ୍ଧିଜୀ ସୁଭାଷ ବୋଷଙ୍କୁ 'ନେତାଜୀ' ଆଖ୍ୟା ଦେଇଥିଲେ ବୋଲି ଡ. ମହାନ୍ତି ମତବ୍ୟକ୍ତ କରିଥିଲେ। ଅତିଥିମାନଙ୍କ ମଧ୍ୟରେ ପ୍ରମୋଦ କୁମାର ଧଳ, ସେଚ୍ଛାସେବୀ ଦେବାଶିଷ ଦାସ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ମଣ୍ଡଳ, ସରପଞ୍ଚ ପ୍ରସନ୍ନ କୁମାର ବେହେରା ନେତାଜୀଙ୍କ ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ମଞ୍ଚ ପରିଚାଳନା ଶିକ୍ଷାବିତ୍ ଦିନେଶ ଚନ୍ଦ୍ର ଦେବନାଥ, ସମ୍ରାଟ୍ ଦେବନାଥ, ଦୀପକ ଦେବନାଥ, ଶଙ୍କର ମଜୁମଦାର, ପତିତୋଷ ଦେବନାଥଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଅତିଥିମାନେ ଗ୍ରାମର ବରିଷ୍ଠ ଲୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟ ସଙ୍ଗୀତରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ନେତାଜୀ, ସାଏଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ

ରାଜନଗର/ ଡେରାବିଶ/ ମାର୍ଶାଘାଇ/ ରାଜକନିକା, ୨୩।୧
(ଭାସ୍କର ରାଉତରାୟ/ ବେବର୍ତ୍ତା ଅଜୟ ଦାସ/ ଶୁଭେନ୍ଦୁ ପ୍ରସାଦ ଚୌଧୁରୀ/ ସଞ୍ଜୟ କୁମାର ଦାଶ)



ଓଳାଭର ମହାବିଦ୍ୟାଳୟରେ ନେତାଜୀଙ୍କ ଜୟନ୍ତୀରେ ଅତିଥିଙ୍କ ଗହଣରେ ଛାତ୍ରୀଛାତ୍ର।

ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ରାଜନଗରିରେ ଅନୁଷ୍ଠିତ ହୋଇ ଯାଇଛି। ଦୀର୍ଘ ୩କିମି ଧରି ଦୁଇ ମହାପୁରୁଷଙ୍କ ଫଟୋ ଚିତ୍ରକୁ ସୁସଜ୍ଜିତ ଖୋଲା ଜିପ୍‌ରେ ହଜାରରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଓ ମହିଳା ଶୋଭାଯାତ୍ରାରେ ନେଇଥିଲେ। ରାଜନଗର ଛାତ୍ର ସୁରକ୍ଷା ମଞ୍ଚ ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଶୋଭାଯାତ୍ରା ପରେ ରାଜନଗର ଦେବୀମଣ୍ଡପ ଛକରେ ମଞ୍ଚର ପ୍ରତିଷ୍ଠାତା ଅଧ୍ୟାପକ ସଞ୍ଜୟ କୁମାର ବାଗଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଜୟନ୍ତୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଲେଖ ଧର୍ମର ସନ୍ଥ ସୁବ୍ରତ ବାବା ଯୋଗଦେଇ ନେତାଜୀ ଓ ସାଏଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସ୍ତମ୍ଭକାର ତଥା ଗବେଷକ ଅଭୟ କୁମାର ଦ୍ୱିବେଦୀ, ରାଜନଗର ବିଧାୟକ ଧ୍ରୁବ ସାହୁ, ଛାତ୍ର ସୁରକ୍ଷା ମଞ୍ଚର ସମ୍ପାଦକ ଦେବଦତ୍ତ ସେଠୀ, କବି ପ୍ରମୋଦ କୁମାର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଧୀନ ବଳଭଦ୍ରପୁରଠାରେ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ସେବା ସାଂସ୍କୃତିକ ସଙ୍ଗଠନ ଆନୁକୂଲ୍ୟରେ ଅନୁଷ୍ଠିତ ଉତ୍ସବରେ ସଙ୍ଗଠନ ସଭାପତି ଅନନ୍ତ କିଶୋର ଭୂୟାଁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଡେରାବିଶ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ସଭାପତି ପଣ୍ଡିତ ଶରତ ଚନ୍ଦ୍ର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଧନେଶ୍ୱର ସେଠୀ, ଶିକ୍ଷାବିତ୍ ଝରି ପ୍ରଧାନ, ଅଧ୍ୟାପକ ପ୍ରଭାକର ସାମଲ ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସରପଞ୍ଚ ବିପିନି ବିହାରୀ ସାହୁ, ଶିକ୍ଷାବିତ୍ ଗୌରାଙ୍ଗ ଚରଣ ସାହୁ, ପୂର୍ବତନ ସମିତିସଭ୍ୟ ଗଗନ ବିହାରୀ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ସୁରେନ୍ଦ୍ର କୁମାର ବରାଳ ଅତିଥି ପରିଚୟ ଓ ସଙ୍ଗଠନ ସମ୍ପାଦକ ବସନ୍ତ କୁମାର ପଲେଇ ଧନ୍ୟବାଦ ଦେଇଥିଲେ।

ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅନ୍ତେଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ନେତାଜୀ ଓ ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସରୋଜକାନ୍ତ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ନେତାଜୀ ଓ ସାଏଙ୍କ ନୀତି ଆଦର୍ଶ ଓ ସଂଗ୍ରାମୀ ମନୋଭାବ ରଖିବାକୁ ପିଲାମାନଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଶିକ୍ଷକ ତ୍ରୈଲୋକ୍ୟ ନାଥ ମହାପାତ୍ର, ପ୍ରହ୍ଲାଦ ରାଉତ, ରୂପରାଜ ମହନ୍ତ, ଶୈଳେନ୍ଦ୍ର ପ୍ରସାଦ ଚୌଧୁରୀ, ପ୍ରମୋଦ କୁମାର ଦାସ, ମନସ୍ୱିନୀ ସାହୁ ଉପସ୍ଥିତ ଥିଲେ। ଶିକ୍ଷକ ଶୁଭାଶିଷ ଗୋଛାୟତ ଧନ୍ୟବାଦ ଦେଇଥିଲେ।

ରାଜକନିକା ବ୍ଲକ ଓଳାଭର ମହାବିଦ୍ୟାଳୟରେ ଜାତୀୟ ସେବା ସଂସ୍ଥା ଓ ଯୁବ ରେଡକ୍ରସ୍‌ର ମିଳିତ ଆନୁକୂଲ୍ୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ହଳଧର ବେହେରା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଇତିହାସ ବିଭାଗ ମୁଖ୍ୟ ଅଧାପକ ମୁରଲୀଧର କର, ଜାତୀୟ ସେବା ସଂସ୍ଥା ପ୍ରୋଗ୍ରାମ ଅଫିସର ମହେନ୍ଦ୍ର ନାଥ ମଲିକ, ସସ୍ମିତା ବିଶ୍ୱାଳ ଓ ଯୁବ ରେଡ୍‌କ୍ରସ କାଉନ୍‌ସିଲର ପ୍ରତାପ କୁମାର ବିଶ୍ୱାଳଙ୍କ ସମେତ ମହାବିଦ୍ୟାଳୟର ସମସ୍ତ ଯୁବ ରେଡକ୍ରସ ଓ ଜାତୀୟ ସେବା ସଂସ୍ଥାର ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡ. ବସନ୍ତ କୁମାର ସେଠୀ, ରମାକାନ୍ତ ପରିଡ଼ା, ଗୋପୀନାଥ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ।
(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ
ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

भाकृअनुप-केन्द्रीय मीठाजल जीवपालन अनुसंधान संस्थान
ICAR - CENTRAL INSTITUTE OF FRESHWATER AQUACULTURE
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

वॉक–इन–इन्टरव्यू

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए 01(एक) यंग प्रोफेशनल-II पद की भर्ती हेतु दिनांक 05.02.2024 को पू. 10.00 बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट http://www.cifa.nic.in पर जाएं।

WALK-IN INTERVIEW

A Walk-in-Interview will be held on 05.02.2024 at ICAR-CIFA, Bhubaneswar at 10.00 A.M. for 01(One) no. of Young Professional-II, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: http://www.cifa.nic.in. मुख्य जाँचकर्ता / Principal Investigator

## ସଂକ୍ଷେପରେ

### ଆଶ୍ରମ ବିଦ୍ୟାଳୟରେ ଆଲୋକୀକରଣ ପାଇଁ ୫ଲକ୍ଷ ଟଙ୍କା ମଞ୍ଜୁର

**ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା):** ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ଖଣ୍ଡପଡ଼ା ଚନ୍ଦ୍ର ଶେଖର ଆଶ୍ରମ ବିଦ୍ୟାଳୟରେ ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା ନିମନ୍ତେ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି । ଅନୁଦାନ ଅର୍ଥରେ ସୌରଚାଳିତ ବିଦ୍ୟୁତ୍ ବ୍ୟବସ୍ଥା ହେବ ବୋଲି ଖଣ୍ଡପଡା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ସୌରଚାଳିତ ବିଦ୍ୟୁତ୍ ବ୍ୟବସ୍ଥା ଦ୍ୱାରା ବିଦ୍ୟାଳୟ ପରିସର ଉଜ୍ଜ୍ୱଳ ଆଲୋକୀକରଣ ସହ ଅନ୍ତେବାସୀମାନଙ୍କ ବିଦ୍ୟୁତ ସମସ୍ୟା ଦୂର ହେବ ।

### ଶାଗୁଆନ ଲଗ୍ ସହ ଟ୍ରାକ୍ଟର ଜବତ,ଜଣେ ଗିରଫ

**ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା):** ଖଣ୍ଡପଡା ବନ ବିଭାଗ କର୍ମଚାରୀମାନେ ସୋମବାର ସନ୍ଧ୍ୟାରେ ଅଚାନକ ଚଢାଉ କରି ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଢୋଲମରା ଗ୍ରାମରୁ ଶାଗୁଆନ ଲଗ୍ ବୋଝେଇ ଏକ ଟ୍ରାକ୍ଟରକୁ ଜବତ କରିଛନ୍ତି । ଏକ ଟ୍ରାକ୍ଟରରେ ଶାଗୁଆନ ଲଗ୍ ବୋଝେଇ ହୋଇ ଯାଉଥିବା ସମ୍ପର୍କରେ ବନ ବିଭାଗ କର୍ମଚାରୀମାନେ କୌଣସି ସୂତ୍ରରୁ ସୂଚନା ପାଇଥିଲେ । ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ ବନପାଳ ସନାତନ ସ୍ୱାଇଁ ଓ ଅନ୍ୟ କର୍ମଚାରୀମାନେ ଚଢାଉ କରି ଟ୍ରାକ୍ଟର ସହ ଶାଗୁଆନ ଲଗ୍‌ଗୁଡିକୁ ଜବତ କରିବା ସହ ଚାଳକ ରମେଶ କୁମାର ପରିଡ଼ାଙ୍କୁ ଗିରଫ କରିଛନ୍ତି । ଜବତ ଟ୍ରାକ୍ଟର ଓ ଶାଗୁଆନ ଲଗ୍‌ଗୁଡିକୁ ସିଂଘାପଡା ବନ ବିଭାଗ ବିଟ୍ ହାଉସରେ ରଖାଯାଇଛି । ଏ ସମ୍ପର୍କରେ ଏକ ମାମଲା ରୁଜୁ କରାଯାଇଛି ।

### ଉଦ୍ଧାର ହରିଣକୁ ନନ୍ଦନକାନନ ପଠାଗଲା

**ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ସହର ନିକଟସ୍ଥ ଚଢେଇବସା ପାହାଡ ଓ ତତ୍‌ସଂଲଗ୍ନ ସଂରକ୍ଷିତ ଜଙ୍ଗଲରୁ ଜନବସତି ଅଞ୍ଚଳକୁ ସୋମବାର ସକାଳେ ଏକ ହରିଣ ଚାଲି ଆସିଥିଲା । ପରେ ବନ ବିଭାଗ ପକ୍ଷରୁ ଉଦ୍ଧାର କରାଯାଇ ସଂପୃକ୍ତ ହରିଣକୁ ଖଣ୍ଡପଡ଼ା ଓ ପରେ ନୟାଗଡ଼ ପ୍ରାଣୀ ଚିକିତ୍ସାଳୟରେ ଆହତ ହରିଣକୁ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ପରବର୍ତ୍ତୀ ସମୟରେ ଆହତ ହରିଣଟିର ଅଧିକ ଚିକିତ୍ସା ନିମନ୍ତେ ତାକୁ ଭୁବନେଶ୍ୱରସ୍ଥିତ ନନ୍ଦନକାନନରେ ଛାଡି ଦିଆଯାଇଥିବା ଖଣ୍ଡପଡ଼ା ବନାଞ୍ଚଳ ଅଧିକାରୀ ଉଦିତ କୁମାର ପ୍ରଧାନଙ୍କଠାରୁ ପ୍ରକାଶ ।

### ବରିଷ୍ଠ ଖବରଦାତାଙ୍କ ବିୟୋଗରେ ଶୋକ

**ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା):** ବରିଷ୍ଠ ଖବରଦାତା ଅରୁଣ କୁମାର ପଣ୍ଡାଙ୍କ ବିୟୋଗରେ ଖଣ୍ଡପଡ଼ା ଆଞ୍ଚଳିକ ସାମ୍ବାଦିକ ସଂଘର ସଦସ୍ୟମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି । ସଂଘର ସଭାପତି ବିନାୟକ ମିଶ୍ରଙ୍କ ଅଧ୍ୟକ୍ଷତାରେ ସଂଘ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏକ ଶୋକସଭାର ଆୟୋଜନ କରାଯାଇଥିଲା । ସଂଘର ସଦସ୍ୟମାନେ ସ୍ୱର୍ଗତ ପଣ୍ଡାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରିଥିଲେ । ଜଣେ ଦକ୍ଷ ଓ ନିର୍ଭୀକ ଖବରଦାତା ଭାବେ ଜଣାଶୁଣା । ପଣ୍ଡାଙ୍କ ବିୟୋଗରେ ସାମ୍ବାଦିକତା ଜଗତରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ସ୍ମୃତି ଚାରଣ ସଭାରେ ମତ ପକାଶ ପାଇଥିଲା ।

### ରବୀନ୍ଦ୍ର କୁମାର ପ୍ରଧାନ ମେମୋରିଆଲ କ୍ରିକେଟ, ଭୋଗଡ଼ା ବିଜୟୀ

**ଖଣ୍ଡପଡ଼ା,୨୩।୧(ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ କ୍ରୀଡାଙ୍ଗନରେ ଚାଲିଥିବା ରବୀନ୍ଦ୍ର କୁମାର ପ୍ରଧାନ ୨ୟ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ଭୋଗଡା କ୍ରିକେଟ ଟିମ ମର୍ଦ୍ଦରାଜପୁର କ୍ରିକେଟ ଟିମ୍‌କୁ ହରାଇ ବିଜୟୀ ହୋଇଛି । ଟସ୍ ଜିଣି ମର୍ଦ୍ଦରାଜପୁର ଦଳ ବ୍ୟାଟି ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୪ ରନ ସଂଗ୍ରହ କରିଥିଲା । ଜବାବରେ ଭୋଗଡା କ୍ରିକେଟ ଦଳ ୧୮.୧ ଓଭରରେ ନିର୍ଦ୍ଧାରିତ ୧୩୮ ରନ ସଂଗ୍ରହ କରିଥିଲା । ବିଜୟୀ ଭୋଗଡା ଦଳର ବୁଲୁ ବ୍ୟକ୍ତିଗତ ୮୫ ରନ ସଂଗ୍ରହ କରି ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ ।

# ଶୁଷ୍କ ହେଉଛି ଭଞ୍ଜନଗର ଜଳଭଣ୍ଡାର

ଭଞ୍ଜନଗର, ୨୩।୧(ବାବୁଲା ପ୍ରଧାନ):



ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି ।

- ସହରକୁ ଜଳ ଯୋଗାଣ ବାଧାପ୍ରାପ୍ତ ଆଶଙ୍କା
- ପିଇବା ପାଣି, ଜଙ୍ଗଲ ପୋଡ଼ି ଚିନ୍ତା ଘାରିଲାଣି

ଗଞ୍ଜାମ ଜିଲା ଭଞ୍ଜନଗର ଜଳଭଣ୍ଡାର ଧୀରେ ଧୀରେ ଶୁଷ୍କ ହେବାରେ ଲାଗିଛି । ମଙ୍ଗଳବାର ସୁଧା ଜଳଭଣ୍ଡାରରେ ମାତ୍ର ୨୫ ପ୍ରତିଶତ ପାଣି ଅଛି । ଗତ ସେପ୍ଟେମ୍ବର ୧୫ରୁ ଭଞ୍ଜନଗର ଅଞ୍ଚଳରେ ଆଶାନୁରୂପକ ବର୍ଷା ହୋଇନାହିଁ । ତେଣୁ ଜଳଭଣ୍ଡାରର ଜଳସ୍ତର କମିବାରେ ଲାଗିଛି । ବର୍ଷା ନ ଥିବା ଯୋଗୁ ସହରତଳି ଲଣ୍ଡେଇସାହିର କୂଅଗୁଡିକର ଜଳସ୍ତର ବହୁତ ତଳକୁ ଚାଲିଯାଇଛି । ତେଣୁ ଆଗାମୀ ଦିନରେ ସହରକୁ ପାଣି ଯୋଗାଣ ବାଧାପ୍ରାପ୍ତ ହେବା ଆଶଙ୍କା ରହିଛି । ବର୍ଷା ନ ହେଲେ ରବି ଋତୁରେ ଜଳଭଣ୍ଡାରରୁ ଚାଷୀଙ୍କୁ ପାଣି ଯୋଗାଣ ସମ୍ଭବପର ହୋଇପାରିବ ନାହିଁ । ଭଞ୍ଜନଗର ଜଳଭଣ୍ଡାରରୁ ସହରକୁ ଦୈନନ୍ଦିନ ୩୫ ଲକ୍ଷ ଲିଟର ପାଣି ଯୋଗାଣ ହେଉଛି । ଅପରପକ୍ଷେ ବର୍ଷା ଅଭାବ ଯୋଗୁ ଚଳିତ ବର୍ଷ ଜଙ୍ଗଲ ପୋଡି ମଧ ବଢିବା ଆଶଙ୍କା ରହିଛି । ତେଣୁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଏବଂ ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ବର୍ତ୍ତମାନଠାରୁ ଜଙ୍ଗଲ ନିଆଁ ପୋଡ଼ିକୁ କିଭଳି ରୋକାଯିବ ସେନେଇ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଗ୍ରାମାଞ୍ଚଳରେ ବନ ସୁରକ୍ଷା ସମିତି ମାଧ୍ୟମରେ ଲୋକଙ୍କୁ ଜଙ୍ଗଲ ନିଆଁକୁ କିଭଳି ରୋକାଯିବ ସେନେଇ ସଚେତନତା କରାଯାଉଛି । ଏନେଇ ଭଞ୍ଜନଗର ଜନସ୍ୱାସ୍ଥ୍ୟ ବିଭାଗ ସହକାରୀ ଯନ୍ତ୍ରୀ ନିତ୍ୟାନନ୍ଦ ବେହେରାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ବର୍ଷା ନ ହେଲେ ପାନୀୟଜଳ ସମସ୍ୟା ହୋଇପାରେ । ଆଗାମୀ ପରିସ୍ଥିତିକୁ ଦେଖି ପଦକ୍ଷେପ ନିଆଯିବ । ଏନେଇ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ସୁଦର୍ଶନ ବେହେରା କହିଛନ୍ତି ଯେ, ଆଗକୁ ବର୍ଷା ନ ହେଲେ ଚଳିତ ବର୍ଷ ଜଙ୍ଗଲ ନିଆଁ ରୋକିବା ବିଭାଗ ପାଇଁ ଏକ ଚ୍ୟାଲେଞ୍ଜ ହେବ । ତଥାପି ବର୍ତ୍ତମାନଠାରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି ।

## ସିପିଏମ୍ ପକ୍ଷରୁ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ




ନେତାଜୀଙ୍କ ପ୍ରତିମୂର୍ତ୍ତିରେ ସିପିଏମ୍ ପକ୍ଷରୁ ମାଲ୍ୟାର୍ପଣ କରାଯାଉଛି ।

ଦଶପଲ୍ଲା,୨୩।୧
(ପ୍ରକାଶ କୁମାର ପାଣି)

ନେତାଜୀ ଜୟନ୍ତୀ ଅବସରରେ ଦଶପଲ୍ଲା ଇଲେଭେନ ଷ୍ଟାର୍ କ୍ଲବ ପରିସରରେ ଥିବା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ସିପିଏମ୍ ନେତା ଶରତ ବେହେରାଙ୍କ ନେତୃତ୍ୱରେ କର୍ମୀମାନେ ଏକତ୍ରିତ ହୋଇ ମାଲ୍ୟାର୍ପଣ କରିଥିଲେ । ପରେ ନେତାଜୀଙ୍କ ସଂଗ୍ରାମ ସମ୍ପର୍କରେ ଆଲୋଚନା କରାଯାଇ ତାଙ୍କ ଆଦର୍ଶରେ ଯୁବ ସମାଜ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସିପିଏମ୍ ଜିଲା ସମ୍ପାଦକ ଶରତ ଚନ୍ଦ୍ର ବେହେରା, ଲୋକାଲ କମିଟି ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଯୁବ ନେତା ବିପିନ କୁମାର ବାଜୁ, ସୁଶାନ୍ତ କୁମାର ନାୟକ,ପ୍ରକାଶ ମଣ୍ଡଳ, କ୍ଷେତ ମଜଦୂର ନେତା ବିରଞ୍ଚି ନାୟକ ଓ ଶ୍ୟାମ ସୁନ୍ଦର ମୁଦୁଲି ପ୍ରମୁଖ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାମାଜିକ କର୍ମୀ ପ୍ରଫୁଲ୍ଲ କୁମାର ମିଶ୍ର ଓ ଶ୍ରୀ ଗୌରାଙ୍ଗ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ ।

## ରାମ ଧ୍ୱନିରେ ପ୍ରକମ୍ପିତ ହେଲା ପୁରପଲ୍ଲୀ

### ଶ୍ରୀରାମଙ୍କ ଭକ୍ତିରସରେ ଭିଜିଲେ ଗ୍ରାମବାସୀ

ଖଣ୍ଡପଡା,୨୩।୧
(ଅଜୟ କୁମାର ମହାରଣା)



ବିଶ୍ୱଶାନ୍ତି ମହାଯଜ୍ଞରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।

ସୋମବାର ଅଯୋଧ୍ୟାରେ ପ୍ରଭୁ ଶ୍ରୀରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଥିବା ବେଳେ ଖଣ୍ଡପଡ଼ା ବ୍ଲକ ଅଧୀନ ବିଭିନ୍ନ ପୁରପଲ୍ଲୀରେ ଦିବସବ୍ୟାପୀ ରାମାୟଣ ପଠନ ଓ ବିଶ୍ୱଶାନ୍ତ ମହାଯଜ୍ଞ ଆୟୋଜନ କରାଯାଇଥିଲା । ସହରଠାରୁ ଗାଁ ପର୍ଯ୍ୟନ୍ତ ରାମ ଧ୍ୱନି ସହ ଆତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ସନ୍ଧ୍ୟାରୁ କଣ୍ଟିଲୋ ପଞ୍ଚାୟତସ୍ଥିତ ପାଣ୍ଡୁସାହୁ ପାଟଣା ଗ୍ରାମରେ ରାଧାକାନ୍ତ ସାହୁ, ସନାତନ ସାହୁ, ବଳରାମ ସାହୁଙ୍କ ନେତୃତ୍ୱରେ ଏବଂ କୁଞ୍ଜବିହାରୀପାଟଣା ଠାରେ ଗଙ୍ଗାଧର ବାଇଙ୍କ ନେତୃତ୍ୱରେ ବିଶ୍ୱ ଶାନ୍ତି ମହାଯଜ୍ଞର ଆୟୋଜନ କରାଯାଇଥିଲା। ଫକୀରଅତବୁଦ୍ଧି ପାଟଣାସ୍ଥିତ କୈବର୍ତ୍ତ ସମାଜ ପକ୍ଷରୁ ଯୋଗେନ୍ଦ୍ର ବେହେରା, ଶତ୍ରୁଘ୍ନ ଖଟୁଆ, ରବିନ୍ଦ୍ର କୁମାର ବେହେରା ଓ ରାମଚନ୍ଦ୍ର ବେହେରାଙ୍କ ସହଯୋଗରେ ସ୍ଥାନୀୟ ବରୁଣେଇ ପୀଠରେ ଅଖଣ୍ଡ ରାମାୟଣ ପଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରାମବାସୀଙ୍କ ଜୟ ଶ୍ରୀରାମ ଧ୍ୱନିରେ ଗ୍ରାମଦାଣ୍ଡ ଉଚ୍ଛୁଳି ପଡିଥିଲା । ସେହିପରି ସିଧାମୂଳା ଗୋକୁଳାନନ୍ଦପୀଠ ଓ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବା ସହ ସମୂହ ଦୀପଦାନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଅଦିନିଆ ଦୀପଦାନ ଦୀପାବଳିର ଭ୍ରମ ସୃଷ୍ଟି କରିଥିଲା ।

## ୧୯୯୨ ବ୍ୟାଚ୍ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ

ନୟାଗଡ଼,୨୩।୧(ଲୋକନାଥ ମିଶ୍ର)

ଶରଣକୁଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୯୯୨ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୩୨ ବର୍ଷ ପରେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ସ୍ଥାନୀୟ ମା'ଖାଡେଶ୍ୱରୀ ପୀଠରେ ଅନୁଷ୍ଠିତ ହୋଇଥିଲା । ପୂର୍ବତନ ଛାତ୍ର ତ୍ରିନାଥ ସ୍ୱାଇଁ, ଭାଗୀରଥି ପରିଡ଼ା, ସୁଶାନ୍ତ ଦାଶ ଓ ହେମାନନ୍ଦ ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବନ୍ଧୁ ମିଳନ ଉତ୍ସବରେ ତତ୍କାଳୀନ ଛାତ୍ରୀଛାତ୍ର ଶିଶିର,ପ୍ରତାପ,ସନ୍ଧ୍ୟାରାଣୀ,ରୀନାରାଣୀ, ସୁନିତା, ସସ୍ମିତା, ବିନୋଦ, ରତ୍ନମଣି, ରମେଶ, ମମତା, ପ୍ରଫୁଲ୍ଲ, ଯୁଧିଷ୍ଠିର,ସୀମାଞ୍ଚଳ ଓ ସଞ୍ଜୟ ପ୍ରମୁଖ ପରିବାର ସଦସ୍ୟଙ୍କ ସହ ଏକାଠ ହୋଇଥିଲେ । ଦୀର୍ଘ ବର୍ଷ ପରେ ବନ୍ଧୁମାନେ ପରସ୍ପରକୁ ପାଇ ଆତ୍ମବିଭୋର ହୋଇ ଉଠିଥିଲେ । ନିଜ ନିଜର ବର୍ତ୍ତମାନ ସ୍ଥିତି ଓ ପରିବାର ବିଷୟରେ ବକ୍ତବ୍ୟ ରଖିଥିଲେ । ଶେଷରେ ଭୋଜି ସଭାରେ ସାମିଲ ହୋଇଥିଲେ ।

## ରାଜ୍ୟପାଳଙ୍କୁ ଭେଟିଲେ ଖବରଦାତା



ଖବରଦାତାଙ୍କ ସହ ରାଜ୍ୟପାଳ ।

ଦଶପଲ୍ଲା,୨୩।୧
(ପ୍ରକାଶ କୁମାର ପାଣି)

ମଙ୍ଗଳବାର ରାଜ୍ୟପାଳ ରଘୁବର ଦାସ ଭୁବନେଶ୍ୱରରୁ ସଡ଼କ ପଥ ଦେଇ ବଲାଙ୍ଗୀର ଯିବା ରାସ୍ତାରେ ଦଶପଲ୍ଲାର ପୂର୍ତ୍ତ ବିଭାଗ ବଙ୍ଗଳାରେ କିଛି ସମୟ ଅଟକି ଥିଲେ । ସେଠାରେ ସ୍ୱତନ୍ତ୍ର ପୋଲିସ ବଳ ପକ୍ଷରୁ ତାଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା । ପ୍ରେସ କ୍ଲବ୍ ଦଶପଲ୍ଲାର ସଦସ୍ୟମାନେ ରାଜ୍ୟପାଳଙ୍କୁ ଭେଟି ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ । ପ୍ରେସ କ୍ଲବର ସଭାପତି ସୁରେଶ କୁମାର ବେହେରା, ସମ୍ପାଦକ ଡ.ପ୍ରଫୁଲ୍ଲ କୁମାର ଦାଶ, ପ୍ରଫୁଲ୍ଲ କୁମାର ପଣ୍ଡା, ଗଙ୍ଗାଧର ରଣା, ପ୍ରକାଶ କୁମାର ପାଣି, କିଶୋର ଚନ୍ଦ୍ର ସାହୁ , ରତ୍ନାକର ହୋତା ପ୍ରମୁଖ ଉପସ୍ଥିତ ଥିଲେ । କିଛି ସମୟ ପରେ ରାଜ୍ୟପାଳ ତାଙ୍କ ଗନ୍ତବ୍ୟ ସ୍ଥଳକୁ ବାହାରି ଯାଇଥିଲେ ।

## ସାନ କ୍ଲବ୍ ୪-୦ ଗୋଲରେ ବିଜୟୀ



### ଗୋଡିପଡ଼ା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ

ନୟାଗଡ,୨୩।୧(ଲୋକନାଥ ମିଶ୍ର)

ଆଞ୍ଚଳିକ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ନୟାଗଡ଼ ଜିଲା ଗୋଡିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠ ଖେଳ ପଡ଼ିଆରେ ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ଚାଲୁ ରହିଛି । ମଙ୍ଗଳବାର ୨ୟ ସେମି ଫାଇନାଲ ମ୍ୟାଚରେ ସାନ କ୍ଲବ ଭୁବନେଶ୍ୱର ୪-୦ ଗୋଲରେ ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀକୁ ପରାସ୍ତ କର ଫାଇନାଲକୁ ପ୍ରବେଶ କରିଛି । ପ୍ରଥମାର୍ଦ୍ଧ ଖେଳର ୧୨ ମିନିଟରେ ସାନ କ୍ଲବର ଖେଳାଳୀ ସମୀର କୁମାର ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ ରଖିଥିଲେ । ପୁଣି ପ୍ରଥମାର୍ଦ୍ଧର ୨୬ ତମ ମିନିଟରେ ସାନ କ୍ଲବର ମୁନା ବାରିକ ଅନୁରୂପ ଭାବେ ଗୋଲ ସ୍କୋର କରିଥିଲେ । ୨ୟାର୍ଦ୍ଧ ଖେଳର ୧୭ତମ ମିନିଟରେ ଖେଳାଳୀ ପିଙ୍କୁନ ସାହୁ ଓ ୨୨ ମିନିଟରେ ଟି. ବେହେରା ଅନୁରୂପ ଭାବେ ୨ଟି ସ୍କୋର କରି ଏକପାଖିଆ ଭାବେ ବିଜୟ ହାସଲ କରିଥିଲେ । ପ୍ରଶନ୍ନ କୁମାର ନାୟକ ଖେଳ ପରିଚାଳନା କରିଥିବାବେଳେ ପ୍ରତାପ ମୁଦୁଲି, ବିସ୍ମୟ ସତ୍ୟ ସୁନ୍ଦର, ପ୍ରୀୟ ରଞ୍ଜନ ସାମନ୍ତସିଂହାର ସହଯୋଗ କରିଥିଲେ । ମୁଖ୍ୟଅତିଥି ଭାବେ ନୟାଗଡ଼ ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଶରତ କୁମାର ନାୟକ ଯୋଗ ଦେଇଥିଲେ । ବୁଧବାର ଫାଇନାଲ ଖେଳ ସାନ କ୍ଲବ ଭୁବନେଶ୍ୱର ସହ ବଜରଙ୍ଗୀ କ୍ଲବ ଭୁବନେଶ୍ୱର ଘାଟିକିଆ ସହ ମୁକାବିଲା ହେବ ବୋଲି ସଂଘର ସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, ସମ୍ପାଦକ ପିଲୁ ଦାଶ ଓ ସଂଯୋଜକ ଉପେନ୍ଦ୍ର ନାୟକ ସୂଚନା ଦେଇଛନ୍ତି ।

## ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଜନ୍ମୋତ୍ସବ

ନୟାଗଡ଼,୨୩।୧(ଲୋକନାଥ ମିଶ୍ର )

ଶରଣକୁଳ ସତ୍‌ସଙ୍ଗ ବିହାର ପରିସରରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ୧୩୬ ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ପ୍ରାତଃ କାଳରେ ପ୍ରାର୍ଥନା ଶେଷ ପରେ ଏକ ସୁସଜ୍ଜିତ ରଥରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଫଟୋ ଚିତ୍ରକୁ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ହରିହରପୁର,ଅସୁରିଡିପା ଓ ଶରଣକୁଳ ଗ୍ରାମ ପରିକ୍ରମା କରାଯାଇଥିଲା । ନଗର ପରିକ୍ରମା କରି ସତ୍‌ସଙ୍ଗ ବିହାର ପରିସରରେ ପହଞ୍ଚିବା ପରେ କାଶୀନାଥ ସାହୁଙ୍କ ନିର୍ଦ୍ଦେଶନାରେ ଏକ ସତ୍‌ସଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉତ୍ସବ କମିଟିର ସଭାପତି ପ୍ରଭାତ କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ସହପ୍ରତି ରିତ୍ୱିକ ବି.ଆଶିଷ କୁମାର ସୁବୁଦ୍ଧି ଓ ପ୍ରଦୀପ କୁମାର ରାଉତ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜୀବନୀ ଓ ମାର୍ଗ ଦର୍ଶନ ଉପରେ ଆଲୋକପାତ କରିଥିଲେ ।

## ନେତାଜୀ,ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ନୟାଗଡ଼,୨୩।୧(ଲୋକନାଥ ମିଶ୍ର)

ନୟାଗଡ଼ ସହର ଉପକଣ୍ଠ ସିନ୍ଧୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସଭାଗୃହରେ ସାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ପଶ୍ଚିମ ଓଡ଼ିଶାର ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ଝୁମୁରୀ ସାହୁ ଉଭୟ ବରପୁତ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣକରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥଲେ । ଛାତ୍ରୀଛାତ୍ରମାନେ ଦିବଂଗତ ମହାପୁରୁଷଙ୍କ ଜୀବନାଦର୍ଶ ଉପରେ ବକ୍ତବ୍ୟ ରଖିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ପ୍ରବାସିନୀ ମିଶ୍ର, ନିଶାମଣି ମିଶ୍ର, ଜ୍ୟୋର୍ତିମୟୀ ରାଉତ, ବରିଷ୍ଠ ଶିକ୍ଷକ ତାଜୁଦ୍ଦିନ ଖାଁ ପ୍ରମୁଖ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କ ବଳିଦାନ ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ସୁଷମା ବିଶାଳ, ସପ୍ନାରାଣୀ ନନ୍ଦ, ରଞ୍ଜିତା ବେହେରା ଓ ଜିତେନ୍ଦ୍ର କୁମାର ଗୁରୁ ସଂଯୋଜନା କରିଥିବା ବେଳେ ସବିତା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରଜତ ଜୟନ୍ତୀ ଉତ୍ସବ

ରଣପୁର,୨୩।୧(ସୁକାନ୍ତ କିଶୋର ଡାକୁଆ)



କୁନି କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି ।

ମଙ୍ଗଳବାର ନୟାଗଡ଼ ଜିଲା ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ବାଘ ସାମନ୍ତ ମିନି ଷ୍ଟାଡିୟମ ନିକଟରେ ଥିବା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ନୟାଗଡ ଜିଲା ପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ, ମୁଖ୍ୟବକ୍ତା ଓଡ଼ିଶା ଶିକ୍ଷା ବିକାଶ ସମିତି ସମ୍ବାଗର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷା ରଙ୍ଗୀନ ମହାନ୍ତି, ରଣପୁର ମଣ୍ଡଳ ଶିକ୍ଷା ଅଧିକାରୀ ବନଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସମ୍ପାଦକ ଅମ୍ବିକା ପ୍ରସାଦ ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା । ଅତିଥିମାନେ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ଅପରାହ୍ନରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଅତିଥି ଭାବେ ଶିଶୁ ମନ୍ଦିରର ପରିଚାଳନା କମିଟିର ସଭାପତି ତଥା ଶିକ୍ଷାବିତ୍ ତଥା ପ୍ରବଚକ ବିରଞ୍ଚି ନାରାୟଣ ତ୍ରିପାଠୀ, ଉପ-ସଭାପତି ପ୍ରିୟରଞ୍ଜନ ଦେଓ, ସମ୍ପାଦକ ଅମ୍ବିକା ପ୍ରସାଦ ଦାଶ, ଯୁଗ୍ମ ସମ୍ପାଦକ ପ୍ରଦୀପ୍ତ ନନ୍ଦ, ପରିଚାଳନା କମିଟିର ସଭ୍ୟା ପିଙ୍କି ମହାପାତ୍ର, ଜ୍ୟୋତ୍ସ୍ନାରାଣୀ ସେଠୀ, ସଭ୍ୟ ପ୍ରମୋଦ ବଳିଆରସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ଛାତ୍ରୀଛାତ୍ରମାନଙ୍କ ମା'ମାନଙ୍କୁ ନେଇ କରାଯାଇଥିବା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ଟ୍ରଫି ଓ ସାର୍ଟିଫିକେଟ ଦେଇ ଅତିଥିମାନେ ପୁରସ୍କୃତ କରିଥିଲେ । ପ୍ରତ୍ୟେକ ଶ୍ରେଣୀର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ତୃତୀୟ ଶ୍ରେଣୀର ପ୍ରୀତମ ନାୟକ, ସୌମ୍ୟରଞ୍ଜନ ରଣା ଓ ସମସ୍ତ ଛାତ୍ରଙ୍କୁ ନେଇ ପ୍ରସ୍ତୁତ କରାଯାଇଥିବା ନଚିଆ ଡ୍ୟାନ୍ସ ଦର୍ଶକମାନଙ୍କ ମଧ୍ୟରେ ହାସ୍ୟରୋଳ ସୃଷ୍ଟି କରିଥିଲା । ଶିକ୍ଷାବିତ୍ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ଦ୍ୱାରା ସ୍ୱରଚିତ 'ମାଟି ମୋ ରଣପୁର'ସାଂସ୍କୃତିକ କାର୍ଯ୍ୟକ୍ରମ ଅନ୍ୟତମ ଆକର୍ଷଣୀୟ ଥିଲା । ବୋଧ ଶ୍ରେଣୀରେ ପଢୁଥିବା କୁନି ଝିଅ ଆରିଆ ଅମିତାଙ୍କ 'ବଜେ ବଇଁଶୀ' ନୃତ୍ୟ ସମସ୍ତଙ୍କୁ ମୁଗ୍ଧ କରିଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଗୁରୁମା ସୁଶ୍ରୀ ସଙ୍ଗୀତା ତ୍ରିପାଠୀ, ଗୁରୁଜୀ ଚିତ୍ତ ରଞ୍ଜନ ରଥ, ସବିତା ପଟ୍ଟନାୟକ, ସାଗରିକ ଜେନା, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଶ୍ରୀକାନ୍ତ ଦାଶଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

**ଇ-ନିଲାମ ମାଧ୍ୟମରେ ଦ.ପୂ. ରେଳପଥ ସ୍କ୍ରାପ୍ ବିକ୍ରୟ**

ନଂ. ଏସ୍‌ଇଆର୍/ଏଚ୍‌କ୍ୟୁ-ଏସ୍‌ଟିଓଆର୍‌ଂସେଲ୍ (ଡିଏସ୍‌ପିଏଲ୍)/୪/୨୦୨୩-ସେଲ୍/୫ ତାରିଖ: ୨୩।୦୧।୨୦୨୪

ତା୩୧।୦୧।୨୦୨୪ରିଖରେ ଅତିରିକ୍ତ ଇ-ନିଲାମ କାର୍ଯ୍ୟକ୍ରମ

| ଡିଭିଜନ | ଅତିରିକ୍ତ ଇ-ନିଲାମ ତାରିଖ |
|---|---|
| ଚକ୍ରଧରପୁର ଡିଭିଜନ | ତା୩୧।୦୧।୨୦୨୪ରିଖରେ |

ବି.ଦ୍ର.: ଇ-ନିଲାମ ସମୟସୂଚୀ ଏବଂ କାଟାଲଗ୍ ବିବରଣୀ ପାଇଁ ଦୟାକରି ୱେବ୍‌ସାଇଟ୍: www.ireps.gov.in/e-Auction ପରିଦର୍ଶନ କରନ୍ତୁ ।

(PR-1053) ପ୍ରଧାନ ମୁଖ୍ୟ ସାମଗ୍ରୀ ପରିଚାଳକ

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

**भाकृअनुप-केन्द्रीय मीठाजल जीवपालन अनुसंधान संस्थान**
**ICAR - CENTRAL INSTITUTE OF FRESHWATER AQUACULTURE**
कौशल्यागंग, भुवनेश्वर–751002, ओड़िशा
Kausalyaganga, Bhubaneswar-751002, Odisha

Advertisement No. 18/2023-24 Date of Insertion- 15.01.2024

**वॉक–इन–इन्टरव्यू**

भा.कृ.अनु.प– केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01(एक) यंग प्रोफेशनल-II** पद की भर्ती हेतु **दिनांक 05.02.2024** को **पू. 10.00 बजे** चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in** पर जाएं।

**WALK-IN INTERVIEW**

A Walk-in-Interview will be held on **05.02.2024 at ICAR-CIFA, Bhubaneswar** at 10.00 A.M. for **01(One) no. of Young Professional-II**, at ICAR-CIFA, Bhubaneswar, purely on contractual basis to work under research project titled "ICAR-Network programme on Antimicrobial Resistance in Fisheries & Aquaculture". For further details please visit to ICAR-CIFA website: **http://www.cifa.nic.in.**

मुख्य जाँचकर्ता / Principal Investigator

